# ଛତିଶଗଡ଼ ଦୁର୍ଗ ଜେଲରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

■ ଦୁଇ ସୁନା ଦୋକାନରୁ ଚୋରି ଘଟଣାର ପର୍ଦ୍ଦାଫାଶ
■ ମାଷ୍ଟରମାଇଣ୍ଡ ସମେତ ୨ ଆନ୍ତଃରାଜ୍ୟ ଡକାୟତ ଗିରଫ
■ ୧୨ ଲକ୍ଷ ଟଙ୍କା, ୧୬୮ ଗ୍ରାମ୍ ସୁନା ଅଳଙ୍କାର, କାର୍ ଜବତ

**ବ୍ରହ୍ମପୁର ଅଫିସ,୨୭।୧୨**

ବ୍ରହ୍ମପୁର ସହରରେ ଥିବା ଦୁଇଟି ସୁନା ଦୋକାନରୁ ହୋଇଥିବା ଚୋରି ଘଟଣାରେ ପୋଲିସ ମାଷ୍ଟରମାଇଣ୍ଡ ସମେତ ୨ ଆନ୍ତଃରାଜ୍ୟ ଡକାୟତଙ୍କୁ ଛତିଶଗଡରୁ ଗିରଫ କରିଛି।

ଅଭିଯୁକ୍ତ ହେଲେ ଛତିଶଗଡ଼ ଦୁର୍ଗ ଜିଲାର ଲୋକେଶ ରାଓ (୨୪) ଓ ଅନ୍ୟଜଣେ ମାଷ୍ଟରମାଇଣ୍ଡ ଛତିଶଗଡ଼ ପାଣ୍ଡାତରାଇ ଥାନା ଅନ୍ତର୍ଗତ ନୂଆପାରା ଗ୍ରାମର ଲୋକେଶ ଶ୍ରୀବାସ (୨୯) ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ରବିବାର ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ୧୨ ଲକ୍ଷ ୭ ହଜାର ୬୦ ଟଙ୍କା, ୧୬୮.୦୬ ଗ୍ରାମ୍ ସୁନା ଅଳଙ୍କାର ସହ ଲୋକେଶ ଚୋରି ସୁନା ବିକ୍ରି କରି ୬ ଲକ୍ଷ ଟଙ୍କାରେ କିଣିଥିବା ଏକ କାର ଓ ଗହଣା ଦୋକାନରୁ ଚୋରି ବେଳେ ବ୍ୟବହୃତ କରାଯାଇଥିବା ଏକ କଟର ମେଶିନ ପୋଲିସ ଜବତ କରିଛି। ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଛତିଶଗଡ଼ ଯାଇଥିଲା ଏହି ଟିମ୍। ସେଠାରେ ଉଭୟ ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ମାର୍ଚ୍ଚରେ ଛତିଶଗଡ଼ର ଦୁର୍ଗ ଜେଲରେ ଥିବା ବେଳେ ବ୍ରହ୍ମପୁରରେ ଥିବା ସୁନା ଦୋକାନରେ ଚୋରି କରିବା ପାଇଁ ବ୍ଲୁ-ପ୍ରିଣ୍ଟ କରିଥିଲେ ବୋଲି ଏସ୍‌ପି ମିଶ୍ର କହିଛନ୍ତି।


ଗିରଫ ଅଭିଯୁକ୍ତ ।


ଜବତ ସୁନା ଓ ଟଙ୍କା ।

ଲୋକେଶ ରାଓଙ୍କ କେତେକ ସମ୍ପର୍କୀୟ ବ୍ରହ୍ମପୁରରେ ରହୁଛନ୍ତି। ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରେ ଥିବା ସୁନା ଦୋକାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ଧାରଣା ଥିବା ନେଇ ସେ ଶ୍ରୀବାସଙ୍କୁ କହିଥିଲେ। ସେମାନେ ଜେଲରୁ ମୁକୁଳିବା ପରେ ପ୍ରଥମେ ଉଭୟ ବ୍ରହ୍ମପୁର ଆସି ବିନୋଦ ଜୁଏଲେରିରୁ ସୁନା ଗହଣା ଲୁଟି ନେଇ ଛତିଶଗଡ଼ ପଳାଇ ଯାଇଥିଲେ। ଦ୍ୱିତୀୟ ଥର କେବଳ ଲୋକେଶ ଶ୍ରୀବାସ ବ୍ରହ୍ମପୁର ଆସି କେଶବ ଜୁଏଲେରିରୁ ସୁନା ଗହଣା ଓ ଟଙ୍କା ଚୋରି କରି ନେଇଯାଇଥିଲେ ବୋଲି ଏସ୍‌ପି କହିଛନ୍ତି।

ସେହିପରି ଏବେ ବି ୨ଟି ପୋଲିସ ଟିମ୍ ମଧ୍ୟରୁ ଗୋଟିଏ ଆଲ୍ଲାହାବାଦ ଓ ଅନ୍ୟଟି ଛତିଶଗଡ଼ରେ ଡେରା ପକାଇଛନ୍ତି। ଚୋରି ସୁନା ଗହଣା କ୍ରୟ କରିଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ସେଠାରେ ଜାଲ ବିଛାଯାଇଛି ବୋଲି ସେ କହିଛନ୍ତି। ପୋଲିସ ସ୍ଥାନୀୟ ସିଜେଏମ୍‌ଙ୍କ କୋର୍ଟରେ ଉଭୟଙ୍କୁ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣିଛି। ରବିବାର ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉଭୟ ଅଭିଯୁକ୍ତଙ୍କୁ ହାଜର ପାଇଁ ନିର୍ଦ୍ଦେଶ ରହିଥିବା ଏସ୍‌ପି କହିଛନ୍ତି। ଆବଶ୍ୟକ ହେଲେ ଉଭୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି। ଘଟଣାରୁ ପ୍ରକାଶ, ଅକ୍ଟୋବର ୩୦ ରେ ବିନୋଦ ଜୁଏଲେରି ଛାତ ଭାଙ୍ଗି ଲକରରେ ଥିବା ୧୪୦୦ ଗ୍ରାମ୍ ସୁନା ଗହଣା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ୨୨୪/୨୦ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ସେହିପରି ଗତ ୧୭ ତାରିଖରେ ମଧ୍ୟ କେଶବ ଜୁଏଲେରିରୁ ୪୨୪ ଗ୍ରାମ୍ ସୁନା ଗହଣା ଓ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ନଂ.୨୫୯/୨୦ରେ ଏକ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ଚୋରି ଘଟଣା : ଜେଜେବିରେ ହାଜର ହେଲେ ୨ ନାବାଳକ

ବ୍ରହ୍ମପୁର ଅଫିସ,୨୭।୧୨-ଏକ ଚୋରି ଘଟଣାରେ ବୈଦ୍ୟନାଥପୁର ପୋଲିସ ୨ ଜଣ ନାବାଳକଙ୍କୁ ଧରିଥିବା ବେଳେ ରବିବାର ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ(ଜେଜେବି) ନିକଟରେ ହାଜର କରିଛି। ପରେ ସେମାନଙ୍କୁ ଜେଜେବିର ନିର୍ଦ୍ଦେଶ କ୍ରମେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ପୋଲିସ ସମ୍ପୃକ୍ତ ନାବାଳକଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଥିବା ମଧ୍ୟ ସେ କହିଛନ୍ତି। ଘଟଣାରୁ ପ୍ରକାଶ, ଆରଡିସି କଲୋନୀରେ ପ୍ରଫୁଲ୍ଲ କୁମାର ବେହେରା ତାଙ୍କ ପରିବାରଙ୍କ ସହ ଏକ ସରକାରୀ ବାସଭବନରେ ରହୁଥିଲେ। ଅକ୍ଟୋବର ୨୮ରେ ସେ କୌଣସି ଏକ ଘରୋଇ କାମରେ ନିଜ ପୈତୃକ ବାସଭବନ ଗୋଳନ୍ଥରା ଥାନା କେ.ଶୁବାଣୀକୁ ଯାଇଥିଲେ। ସେଠାରେ କିଛି ଦିନ ରହିବା ପରେ ନଭେମ୍ବର ୩୦ରେ ସେ ତାଙ୍କ ସରକାରୀ ବାସଭବନକୁ ଫେରିଥିଲେ। ସରକାରୀ ବାସଭବନରେ ଥିବା ଏକ ଏଲଇଡି ଟିଭି, ଏକ କମ୍ପ୍ୟୁଟର ଗାଏବ ଥିବା ସେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ଶନିବାର ଦୁଇ ନାବାଳକଙ୍କୁ ଧରିବାରେ ସଫଳ ହୋଇଥିଲା ବୋଲି ପୋଲିସ କହିଛି।

### ନାବାଳିକା ଅପହରଣ ଘଟଣା ଜେଲ ଗଲେ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ,୨୭।୧୨-ବ୍ରହ୍ମପୁର ସଦର ଥାନା ପୋଲିସ ରବିବାର ନାବାଳିକା ଅପହରଣକାରୀ ସାଗର ଦାସ (୧୯)ଙ୍କୁ ଗିରଫ କରିଛି। ମାମଲା ନମ୍ବର ୪୦୦/୨୦ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ସାଗରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, ଗତ ୨୫ ତାରିଖରେ ସାଗର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି କବିସୂର୍ଯ୍ୟନଗର ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେଠାରୁ ଅପହର୍ତ୍ତା ସାଗରଙ୍କୁ ମଧ୍ୟ କାବୁ କରିଥିଲା। ଶନିବାର ପୋକ୍‌ସୋ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା ବୋଲି ପୋଲିସ କହିଛି।

### ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର ଅଫିସ୍,୨୭।୧୨-ଗଞ୍ଜାମ ଜିଲାସ୍ତରୀୟ ପଞ୍ଚମ ବାର୍ଷିକ କଲର୍ ବେଲ୍ଟ ଟାଏକୋଣ୍ଡୋ ଶିକ୍ଷା ଶିବିର ରବିବାର ଧର୍ମନଗରସ୍ଥିତ ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଏକୋଣ୍ଡୋର ରାଜ୍ୟ ସାଧାରଣ ସଂପାଦକ ମନମୋହନ ଭଞ୍ଜ ଓ ଜିଲା ପ୍ରମୁଖ ମନୋଜ ପ୍ରଧାନ ଯୋଗ ଦେଇଥିଲେ। ରାଜ୍ୟ ଓ ଅନ୍ତର୍ଜାତୀୟସ୍ତରରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ଲକ୍ଷ୍ୟ ନେଇ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଆଇନ୍‌ଜୀବୀ ପୀତବାସ ପଣ୍ଡା ଅତିଥି ରୂପେ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶିକ୍ଷକ ମନୋଜ ମହାରଣା, ବାସୁ ନାଇକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଘଣ୍ଟିପିଟି ପ୍ରତିବାଦ କଲା କ୍ରାନ୍ତିକାରୀ କୃଷକ ସଭା

ହିଞ୍ଜିଳିକାଟୁ,୨୭।୧୨(ଡି.ଏନ୍.ଏ.)-ଚାଷୀଙ୍କ ଦାବି ମାନିନେବା ବଦଳରେ କୃଷକମାନଙ୍କୁ ଦେଶଦ୍ରୋହୀ, ଅର୍ବାନ ନକ୍ସଲ, ବିରୋଧୀଦଳର ଚାଲ୍ କହି ବଦନାମ କରିବାକୁ ଚେଷ୍ଟା କରୁଥିବା କେନ୍ଦ୍ର ସରକାରଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ସମୟରେ ଘଣ୍ଟଥାଳି ପିଟି ପ୍ରତିବାଦ ଜଣାଇବା ପାଇଁ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନ ଦେଇଥିଲା । ଏହିକ୍ରମରେ କ୍ରାନ୍ତିକାରୀ କୃଷକ ସଭା (ଏଆଇକେକେଏସ) ଗଞ୍ଜାମ ଜିଲା କମିଟି ପକ୍ଷରୁ ରବିବାର ହିଞ୍ଜିଳିକାଟୁ ବ୍ଲକ ଚାନ୍ଦୁଲିଠାରେ କୃଷକ, ଭାଗଚାଷୀ ଓ କ୍ଷେତମୂଲିଆଙ୍କ ପକ୍ଷରୁ ଘଣ୍ଟଥାଳି ପିଟି ଗାଁରେ ଶୋଭାଯାତ୍ରା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ସାହୁ ପୌରହିତ୍ୟ କରି ଏହା ଦେଶର ସବୁଠାରୁ ବଡ କୃଷକ ବିଦ୍ରୋହ ବୋଲି କହିଥିଲେ। କେନ୍ଦ୍ର ସରକାର ପ୍ରଣୟନ କରିଥିବା ୩ କୃଷି ଆଇନ୍ ରଦ୍ଦ କରନ୍ତୁ ବୋଲି ଦାବି ହୋଇଥିଲା। ଆନ୍ଦୋଳନର ନେତା ଅବନୀ ଗୟା ,ମନୋଜ ତରାଇ, ମିଥୁନ ନାହକ ପ୍ରମୁଖ ସାମିଲ ହୋଇଥିଲେ ।

# ଗଞ୍ଜାମରେ ୨୪ ସକ୍ରିୟ କରୋନା ରୋଗୀ

**କରୋନାକୁ ନେଇ ଭୟଭୀତ ହୁଅନ୍ତୁନି: ଜିଲାପାଳ**

**ଛତ୍ରପୁର,୨୭।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଶନିବାର ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪ ଜଣ କରେନାରୁ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ୨୧,୭୯୬ ଜଣ ସଂକ୍ରମିତ ହୋଇସାରିଛନ୍ତି। ସେଥିମଧ୍ୟରୁ ୨୧,୫୧୮ ଜଣ ସୁସ୍ଥ ହେଲେଣି । ଯାହାକି ୯୮.୭ ପ୍ରତିଶତ । ବର୍ତ୍ତମାନ ଜିଲାରେ ୨୪ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। କରୋନା ଜିଲାର ୨୪୬ ଜଣଙ୍କ ଜୀବନ ନେଇଛି । ପୂର୍ବରୁ ଜିଲାରେ ଦୈନିକ ୫ ହଜାର କରୋନା ଟେଷ୍ଟ ପାଇଁ ଜିଲାପାଳ ଟାର୍ଗେଟ ଦେଇଥିଲେ । ଶନିବାର ୧୪୧୬ ଜଣଙ୍କ ଟେଷ୍ଟ ହୋଇଛି । ଏବେ ସୁଦ୍ଧା ଜିଲାରେ ୭ ଲକ୍ଷ ୧୧ ହଜାର ୭୧୩ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ତେବେ ଟେଷ୍ଟ କମୁଥିବା ନେଇ ପଚାରିବାରେ ଜିଲାପାଳ କହିଛନ୍ତି, କରେନାକୁ ନେଇ ଭୟଭୀତ ହୁଅନ୍ତୁନି। କେବଳ ସଚେତନ ହୋଇ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ଗାଇଡଲାଇନ୍ ପାଳନ କରିବାକୁ କହିଛନ୍ତି। ଏବେ ଦୈନିକ ମାତ୍ର ୪ରୁ ୫ ଜଣ କରୋନା ପଜିଟିଭ୍ ହେଉଛନ୍ତି। ଜିଲାରେ ଆର-ଟିପିସିଆର୍ ଟେଷ୍ଟକୁ ଗୁରୁତ୍ୱ ଦିଆଯାଇଛି । ଦୈନିକ ୫୦୦ରୁ ଉର୍ଦ୍ଧ୍ୱ ଆର-ଟିପିସିଆର୍ ଟେଷ୍ଟ ହେଉଥିବା ଜିଲାପାଳ କହିଛନ୍ତି।

# ସ୍କ୍ରାପ ପାର୍କରେ ବିଶାଳ କଳାକୃତି

**ଉଦ୍‌ଘାଟନ କଲେ ଏମ୍‌ପି**

**ବ୍ରହ୍ମପୁର ଅଫିସ,୨୭।୧୨**


ସ୍କ୍ରାପ କଳାକୃତି ଉଦଘାଟନୀରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର ଆଇଟିଆଇ ପରିସର ସ୍କ୍ରାପ ପାର୍କରେ ରବିବାର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ଏକ ବିରାଟ ପ୍ରଡେଟର୍ ବା ରାକ୍ଷସ ପ୍ରତିକୃତିକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ରବିବାର ଉଦ୍‌ଘାଟନ କରିଛନ୍ତି । ୨୮ ଫୁଟ ଉଚ୍ଚର ଏହି କଳାକୃତିରେ ପ୍ରାୟ ୩ ଟନ୍ ସ୍କ୍ରାପ ବ୍ୟବହାର ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଓ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, ଆଇଟିଆଇର ଅଧ୍ୟକ୍ଷ ରଜତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୂର୍ବରୁ ଆଇଟିଆଇ ଛାତ୍ରୀଛାତ୍ରମାନେ ବିଭିନ୍ନ ଅଦରକାରୀ ପଦାର୍ଥରେ ଗିଟାର, ଆଇରନ୍ ମ୍ୟାନ୍, ଟର୍ମିନେଟର, ଡଲଫିନ, ଝିଙ୍ଗିଟି ଆଦି କଳାକୃତି ନିର୍ମାଣ କରିଛନ୍ତି। ଏସବୁ ଏସିଆ ବୁକ୍ ରେକର୍ଡରେ ସ୍ଥାନ ପାଇଥିବାର ମାନପତ୍ରକୁ ଏହି ଅବସରରେ ଅତିଥିମାନେ ମଧ୍ୟ ଉଦ୍‌ଘାଟନ କରିଥିଲେ।

# ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ସହାୟତା

**ଛତ୍ରପୁର,୨୭।୧୨(ଡି.ଏନ୍.ଏ.)**

କୋଭିଡ୍-୧୯ ମୁକାବିଲା କାର୍ଯ୍ୟ ବେଳେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ୬ କରୋନା ଯୋଦ୍ଧାଙ୍କ ପରିବାରକୁ ରବିବାର ଆର୍ଥିକ ସହାୟତା ଦିଆଯାଇଛି। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କରୋନା ଯୋଦ୍ଧାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କରୋନା ମୁକାବିଲା ବେଳେ ୨୬ ଯୋଦ୍ଧା ପ୍ରାଣ ହରାଇଥିଲେ। ସେଥିମଧ୍ୟରୁ ୧୨ ଜଣଙ୍କ ପରିବାରକୁ ପୂର୍ବରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରବିବାର ଆଉ ୬ କରୋନା ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏର ସହାୟତା ଚେକ୍ ଦିଆଯାଇଛି। ଆସିକା ଏନ୍‌ଏସିର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱର୍ଗତ ଅଶୋକ କୁମାର ପଣ୍ଡାଙ୍କ ପୁଅ ଅନିଲ କୁମାର ପଣ୍ଡା, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ପୂର୍ବତନ ଟ୍ୟାକ୍ସ କଲେକ୍ଟର ସ୍ୱର୍ଗତ ଧନୁର୍ଦ୍ଧର ସ୍ୱାଇଁଙ୍କ ସ୍ତ୍ରୀ ସବିତା ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ସହକାରୀ ଯନ୍ତ୍ରୀ ସ୍ୱର୍ଗତ କୈଳାସ ଚନ୍ଦ୍ର ନାୟକଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ନାୟକ, ପୂର୍ବତନ ମୁଖ୍ୟ ସହାୟକ ସ୍ୱର୍ଗତ ଉପେନ୍ଦ୍ର ମାଝିଙ୍କ ସ୍ତ୍ରୀ ସୌଦାମିନୀ ମାଝି, ପୂର୍ବତନ ଡ୍ରାଫ୍ଟସ ମ୍ୟାନ ସ୍ୱର୍ଗତ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସ୍ତ୍ରୀ ସବା ପଣ୍ଡା ଏବଂ ପୂର୍ବତନ ଖଲାସୀ ସ୍ୱର୍ଗତ ବାବୁ ଲକ୍ଷ୍ମଣ ମୁଳିଙ୍କ ସ୍ତ୍ରୀ ରୁମୀ ମୁଳି ଏହି ସହାୟତା ପାଇଛନ୍ତି। ଆସନ୍ତା ସପ୍ତାହରେ ଆଉ ୮ କରୋନା ଯୋଦ୍ଧା ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦାର ସମ୍ମାନିତ ଅତିଥିରୂପେ ଯୋଗଦେଇ ମୃତ କରୋନାଯୋଦ୍ଧାଙ୍କ ପରିବାରର ଜଣକୁ ରିହାବିଲିଟେସନରେ କର୍ମନିଯୁକ୍ତି ସକାଶେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


ଚେକ୍ ପ୍ରଦାନ କରାଯାଉଛି।

# ୨୦ଏକର ଗଞ୍ଜେଇ ଗଛ ପୋଡାଗଲା

**ଦିଗପହଣ୍ଡି ,୨୭।୧୨(ଡି.ଏନ୍.ଏ.)**

ଗଞ୍ଜାମ-ଗଜପତି ସୀମାନ୍ତ ଦୁର୍ଗମ ଜଙ୍ଗଲରେ ବହୁ ପରିମାଣର ଗଞ୍ଜେଇ ଚାଷ କରାଯାଇଥିବା ଗୋଇନ୍ଦା ସୂଚନାକୁ ଭିତ୍ତିକରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମ୍ପୃକ୍ତ ଅଞ୍ଚଳରେ ଚଢ଼ାଉ କରିବାକୁ ପୋଲିସ ଓ ଅବକାରୀ ଉଚ୍ଚ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପଟିଗୁଡା ପଞ୍ଚାୟତ କେଶପୁର ଜଙ୍ଗଲରେ ପୋଲିସ ଓ ଅବକାରୀ ବିଭାଗ ଚଢାଉ କରି ପ୍ରାୟ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ କାଟି ପୋଡି ଦେଇଛି। ସାନଖେମୁଣ୍ଡି ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ବ୍ରହ୍ମପୁର ରେଞ୍ଜ ଅବକାରୀ ଇନ୍ସପେକ୍ଟର ରୋଶନ ଇସୁ ହାଁସଦା, ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଇନ୍ସପେକ୍ଟର ବାଳକୃଷ୍ଣ ପଣ୍ଡା, ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁ, ଆସିକା ଏସ୍‌ଡ଼ିପିଓ ସୂର୍ଯ୍ୟମଣି ପ୍ରଧାନ, ପାଟପୁର ଆଇଆଇସି ଅଜୟ କୁମାର ବାରିକ ଓ ଶେରଗଡ଼ ଆଇଆଇସି ରମେଶ କୁମାର ଦାଶଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ।



# ଧାନ କଟ୍‌ନୀ, ଛଟ୍‌ନୀକୁ ନେଇ ଅସନ୍ତୋଷ

**ହିଞ୍ଜିଳିକାଟୁ,୨୭।୧୨(ଡି.ଏନ୍.ଏ.)**

ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଶନିବାର ହିଞ୍ଜିଳିକାଟୁ ବ୍ଲକ ଶିଖରପୁର ଗୋପାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଣ୍ଡି ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସାଧାରଣ ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ଉପରେ ଆଲୋଚନା ହୋଇଥିଲା। ଚାଷୀଙ୍କ ହକ୍ ପାଇଁ କେନ୍ଦ୍ର ସରକାର ତୁରନ୍ତ ଉକ୍ତ ଆଇନ ପ୍ରତ୍ୟାହାର କରିବାକୁ ଦାବି ହୋଇଥିଲା। ଅନ୍ୟପକ୍ଷରେ ବ୍ଲକରେ ମଣ୍ଡି ପରିଚାଳନାରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ମିଲରଙ୍କ ଭୂମିକାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ମିଲରଙ୍କ ଦ୍ୱାରା ବ୍ଲକର ବିଭିନ୍ନ ମଣ୍ଡି ପରିଚାଳିତ ହେଉଥିବା ବେଳେ ୫ରୁ ୭କେଜି ଧାନ କଟ୍‌ନୀ ଓ ଛଟ୍‌ନୀ ଚାଲିଛି ବୋଲି ବହୁ ଚାଷୀ ଅଭିଯୋଗ ଉଠାଇଥିଲେ। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆଲୋଚନା ହୋଇଥିଲା। ମହାସଭା ପକ୍ଷରୁ ୭ଦଫା ଦାବି ନେଇ ଜିଲାପାଳଙ୍କୁ ପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। କଂଗ୍ରେସର ବରିଷ୍ଠ ଚାଷୀନେତା ପଦ୍ମଚରଣ ସାହୁ, ରାମ ନାରାୟଣ ବିଶ୍ୱାସରାୟ, ସୀମାଞ୍ଚଳ ନାୟକ, ବୃନ୍ଦାବନ ଖଟେଇ, ଶଙ୍କର ନାହାକ, ଗୋବିନ୍ଦ ନାହାକ, ବିଚିତ୍ରାନନ୍ଦ ବେବର୍ତ୍ତା ପ୍ରମୁଖ ବହୁ ନେତା ଓ ଚାଷୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଜିପିଏଲଏଫ୍ ସଂଘର ବୈଠକ

**ଛତ୍ରପୁର,୨୭।୧୨(ଡି.ଏନ୍.ଏ.)**

ଓଡିଶା ଜିବୀକା ମିଶନ ଅଧୀନରେ କାର୍ଯ୍ୟରତ ସିଆର୍‌ପି, ଏମ୍‌ବିକେ, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ରକୁ ନେଇ ଗଠିତ ଓଡିଶା ପଞ୍ଚାୟତସ୍ତରୀୟ ଫେଡେରେଶନ (ଜିପିଏଲଫ୍) ଗଞ୍ଜାମ ଜିଲା କମିଟିର ଏକ ବୈଠକ ରବିବାର ତାମ୍ପରା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ସଭାପତି ନିରୂପମା ନାୟକ, ସମ୍ପାଦିକା ମନୋରମା ମହନ୍ତ, ଉପସଭାପତି ବନିତା ବାରିକ, କୋଷାଧ୍ୟକ୍ଷ ନିରୂପମା ମହାନ୍ତି ପ୍ରମୁଖ ଯୋଗଦେଇ ସଦସ୍ୟାମାନଙ୍କ ସମସ୍ୟା ଶୁଣିଥିଲେ । କୌଣସି କାରଣ ନ ଥାଇ ରଙ୍ଗେଇଲୁଣ୍ଡା ବ୍ଲକର ୮ ଓ ଗଞ୍ଜାମ ବ୍ଲକର ଜଣେ ପୁରୁଷ କୃଷିମିତ୍ରଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଏ ନେଇ ରାଜ୍ୟ ସଂଘର ନେତୃବର୍ଗ ଏବଂ ଅନ୍ୟ ଜିଲାରୁ ଆସିଥିବା ସଂଘ ସଦସ୍ୟ ଓ ସଦସ୍ୟାମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସମସ୍ୟା ନେଇ ଡିଆର୍‌ଡିଏ ପିଡି ଓ ଡିପିଏମ୍‌ଙ୍କୁ ସ୍ମାରକପତ୍ର ଦିଆଯିବ। ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ଜିପିଏଲଏଫ ଗଞ୍ଜାମ ଜିଲା ସଂଘର ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ଗଞ୍ଜାମ ବ୍ଲକ ପ୍ରାଣୀମିତ୍ର ପୁଷ୍ପାଞ୍ଜଳି ନାହାକ, ସମ୍ପାଦିକା ଭାବେ ଚିକିଟି ବ୍ଲକ ସିଆରପି ଗୀତା ପ୍ରଧାନ, କୋଷାଧ୍ୟକ୍ଷ ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଏମବିକେ ମିନତୀ ଦଳେଇ, ଉପସଭାପତି ଛତ୍ରପୁର ବ୍ଲକ କୃଷିମିତ୍ର ଗଣେଶ ବେହେରା, ସହସମ୍ପାଦକ ଭାବେ ଶର୍ମିଳା ମଣ୍ଡଳଙ୍କୁ ମନୋନୀତ କରାଯାଇଛି।

# କେନ୍ଦ୍ରର କୃଷକ, ଶ୍ରମିକମାରଣ ନୀତିକୁ ବିରୋଧ

**ସିପିଆଇ ବ୍ରହ୍ମପୁର ଆଞ୍ଚଳିକ ସମ୍ମିଳନୀ**

**ବ୍ରହ୍ମପୁର ଅଫିସ,୨୭।୧୨**

ଗଞ୍ଜାମ ଜିଲା ସିପିଆଇର ବ୍ରହ୍ମପୁର ଆଞ୍ଚଳିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକମାରଣ ନୀତି ବିରୋଧରେ ଆନ୍ଦୋଳନକୁ ଜୋରଦାର କରାଯିବାର ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ମଧ୍ୟ ନିନ୍ଦା କରାଯିବା ସହ ଏଥିରୁ ନିବୃତ୍ତ ରହିବା ଉପରେ ଗୁରୁତ୍ୱ ଦିଆଯାଇଛି। ପାର୍କ ସାହିସ୍ଥ ଜିଲା କାର୍ଯ୍ୟାଳୟରେ ହୋଇଥିବା ସମ୍ମିଳନୀକୁ ବରିଷ୍ଠ ବାମପନ୍ଥୀ ନେତା ପ୍ରଶାନ୍ତ ପାଇକୋଷୀ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ରାଜନୈତିକ ସ୍ଥିତି ନେଇ ଆଲୋକପାତ କରି ମୋଦି ସରକାରଙ୍କ ସାମ୍ପ୍ରଦାୟିକ ନୀତିର ସେ କଡ଼ା ସମାଲୋଚନା କରିଥିଲେ।

ଜିଲା ସିପିଆଇ ସମ୍ପାଦକ ପ୍ରକାଶ ପାତ୍ର ଭାଷଣ ପ୍ରସଙ୍ଗରେ ଦୀର୍ଘ ବର୍ଷ ଶାସନ କ୍ଷମତାରେ ଥିବା ବିଜେଡି ସରକାର ରାଜ୍ୟବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। କାମଦେବ ନାହାକ ଅଧ୍ୟକ୍ଷତା କରିଥିବା ବେଳେ କୃଷକ ସଭା ଜିଲା ସମ୍ପାଦକ ରାଜୀବ ଲୋଚନ ପାତ୍ର, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଆଞ୍ଚଳିକ କମିଟି ସମ୍ପାଦକ ସୁଧାଂଶୁ ପଣ୍ଡା, ବିଘ୍ନେଶ୍ୱର ସାହୁ ଓ ଏ. ସୁଧୀର ଉଦ୍‌ବୋଧନ ଦେଇଥିଲେ। ବ୍ରହ୍ମପୁର ମହାନଗର ନିଗମ ଗଠନର ଗୋଟିଏ ଯୁଗ ବିତିବା ପରେବି ଆଶାନୁରୂପ ବିକାଶ ହୋଇ ନ ଥିବା ଦର୍ଶାଇ କ୍ଷୋଭ ପ୍ରକାଶ ପାଇଥିଲା। ମହମ୍ମଦ ଉସମାନ ପାର୍ଟି ପତାକା ଉତ୍ତୋଳନ କରି ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

ଗୃହୀତ ପ୍ରସ୍ତାବରେ ଶ୍ରମିକ, କୃଷକ, ମହିଳା, ଯୁବ ଓ ଛାତ୍ର ସମାଜ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ହୋଇଥିବା ନୂଆ କର୍ମକର୍ତ୍ତା ନିର୍ବାଚନରେ ମହମ୍ମଦ ଉସ୍‌ମାନ ଆଞ୍ଚଳିକ କମିଟି ସମ୍ପାଦକ ହୋଇଛନ୍ତି। କାମଦେବ ନାହାକ ସହ ସମ୍ପାଦକ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିକୁ ସୁଧାଂଶୁ ପଣ୍ଡା, ବିଘ୍ନେଶ୍ୱର ସାହୁ, ଏ. ସୁଧୀର, ଗାଗାରିନ ନାୟକ, ଲାଛମାୟା ରେଡ୍ଡୀ, ମହେନ୍ଦ୍ର ପାତ୍ର, ବିଷ୍ଣୁପ୍ରିୟା ନାୟକ, ପ୍ରଭାତୀ ଦେବୀ, ରବୀନ୍ଦ୍ର ନାୟକ, କାଳୀ ଶଙ୍କର ପାତ୍ର, ସୁପ୍ରଭା ମିଶ୍ର, ଆର.ବିଜୟଲକ୍ଷ୍ମୀ ସଭ୍ୟା ଓ ସଭ୍ୟ ରୂପେ ନିର୍ବାଚିତ ହୋଇଛନ୍ତି।



ସମ୍ମିଳନୀରେ ଉପସ୍ଥିତ ସିପିଆଇ ନେତୃବୃନ୍ଦ


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଟ୍ରାଭେଲ ବ୍ୟାନ୍



ମହାମାରୀ ଯୋଗୁ ଟ୍ରାଭେଲ ଏବଂ ହସ୍ପିଟାଲିଟି ଶିଳ୍ପ ବଡ଼ ଚ୍ୟାଲେଞ୍ଜ ସାମ୍ନା କରିଛି। କରୋନା ମହାମାରୀ ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ଅନ୍ତର୍ଜାତୀୟ ବିମାନ ସେବା ଏବେ ପର୍ଯ୍ୟନ୍ତ ବନ୍ଦ ରହିଛି। ସାରା ବିଶ୍ୱରେ ବେସାମରିକ ବିମାନ ଚଳାଚଳ ସେବା ବାତିଲ ରହିଛି। ଫଳରେ ପର୍ଯ୍ୟଟନ, ହୋଟେଲ ଏବଂ ରେଷ୍ଟୁରାଣ୍ଟ ଶିଳ୍ପ ସହ ଆନୁଷଙ୍ଗିକ ଶିଳ୍ପ ଉପରେ ଚଡ଼କ ପଡ଼ିଛି। ଧୀରେ ଧୀରେ ଏହି ଟ୍ରାଭେଲ ଉପରେ ଲାଗିଥିବା କଟକଣାକୁ କୋହଳ କରାଯାଉଛି। ଭାରତ ବର୍ତ୍ତମାନ ଏୟାର ବବଲ ଏଗ୍ରିମେଣ୍ଟ ଦ୍ୱାରା ବନ୍ଦେ ଭାରତ ମିଶନରେ କେତେକ ବଛା ବଛା କ୍ଷେତ୍ରରେ ବିଦେଶକୁ ବିମାନ ସେବାକୁ ଅନୁମତି ପ୍ରଦାନ କରିଛି।

## ରାଜକୋଷକୁ ୨.୫ ଲକ୍ଷ କୋଟିର ଝଟକା




କୋଭିଡ୍ ମହାମାରୀ ଦେଶର ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟ ସ୍ଥିତି ସୃଷ୍ଟି କରିଛି। ଘରୋଇ ବଜାରରେ କାରବାର ଠିକ୍ ନ ଥିବା ବେଳେ ଟିକସ ସଂଗ୍ରହକୁ ଏହା ଗଭୀର ଭାବେ କ୍ଷତିଗ୍ରସ୍ତ କରିଛି। ମହାମାରୀ ପ୍ରଭାବରେ କେନ୍ଦ୍ର ରାଜକୋଷକୁ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ଝଟକା ଲାଗିବ ବୋଲି ସରକାରୀ ଆକଳନ କରିଛନ୍ତି। ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ପରିଷଦର ୪୧ତମ ବୈଠକରେ ରାଜସ୍ୱ ସଂଗ୍ରହ ହ୍ରାସ ପ୍ରସଙ୍ଗକୁ ନେଇ ଚିନ୍ତାପ୍ରକଟ କରାଯାଇଛି। ରାଜ୍ୟଗୁଡ଼ିକୁ ଜିଏସ୍ଟି କ୍ଷତିପୂରଣ ନେଇ କେନ୍ଦ୍ର ରାଜ୍ୟ ମଧ୍ୟରେ ଟଣାଓଟରା ଲାଗି ରହିଥିବା ବେଳେ ଏହା ବୈଠକରେ ପ୍ରସଙ୍ଗ ଭାବେ ସ୍ଥାନିତ ହୋଇଥିବା ନଜରକୁ ଆସିଛି।

## ଭାରତ ବେଶି ପ୍ରଭାବିତ

କରୋନା ପାଇଁ ସାରା ବିଶ୍ୱ ପ୍ରଭାବିତ ହୋଇଛି। ହେଲେ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଭାରତ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି। ଲକ୍‌ଡାଉନ ଯୋଗୁ ପ୍ରଥମ ତ୍ରୈମାସରେ ଭାରତର ଜିଡିପି −୨୩.୯% ଖସିଥିଲା। କରୋନା ମୁକାବିଲା ଲାଗି ରଣନୀତିରେ ତ୍ରୁଟି ଯୋଗୁ ଅର୍ଥ ବ୍ୟବସ୍ଥାକୁ ଗଭୀର କ୍ଷତି ସହିବାକୁ ପଡ଼ିଛି ବୋଲି ଅର୍ଥନୀତିଜ୍ଞ କୁହନ୍ତି।

## ୧୨ କୋଟି ବେକାର

କରୋନା ନିୟନ୍ତ୍ରଣ ପାଇଁ ହୋଇଥିବା ଲକ୍‌ଡାଉନ ଯୋଗୁ ୧୨ କୋଟି ଲୋକ ବେକାରି ସମସ୍ୟା ସାମ୍ନା କରିଛନ୍ତି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି ଡାଟା



ମୁତାବକ ଚଳିତ ବର୍ଷ ମେ ମାସରେ ବେକାରି ହାର ୨୭.୧% ରହିଥିଲା। ଅନ୍‌ଲକ୍ ପରେ ଜୁନ୍‌ରେ ଏହା ୮.୪୮% ଏବଂ ନଭେମ୍ବରରେ ଏହା ୬.୫୧%କୁ ହ୍ରାସ ପାଇଛି। ଯେଉଁ ଲୋକଙ୍କର ଚାକିରି ଯାଇଛି ସେମାନେ ପୁଣି ଥରେ ଚାକିରି ପାଇଛନ୍ତି କି ନାହିଁ ତା'ର ସ୍ପଷ୍ଟ ଚିତ୍ର ମିଳିପାରୁନାହିଁ। ହେଲେ ବେକାରି କମାଇବା ପାଇଁ ଘରୋଇ ବଜାରରେ ଅନେକ ପଦକ୍ଷେପ ନେବାକୁ ପଡ଼ିବ।



## କନ୍ଦାଇଲା ତେଲ ଦର

ଚଳିତବର୍ଷ ତେଲଦର ବୃଦ୍ଧି ଖାଉଟିଙ୍କୁ ନାକେଦମ୍ କରିଛି। କରୋନା କାଳରେ ଲଗାତର ଦର ବଢ଼ିବା ଯୋଗୁ ଲୋକମାନେ ଏହାଦ୍ୱାରା ଅତିଷ୍ଠ ହୋଇଛନ୍ତି। ରାଜଧାନୀ ଦିଲ୍ଲୀ ସମେତ ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକରେ ତେଲ ଦର ରେକର୍ଡ ସ୍ତର ଛୁଇଁଛି। କରୋନା କାଳରେ ତେଲ ଦର ବଢ଼ାଇ ସରକାର ଲୋକଙ୍କୁ ଅକଳରେ ପକାଇଥିବା ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି।

## ଦରଦାମରୁ ନିସ୍ତାର ନାହିଁ

କରୋନା ମହାମାରୀ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ଚଳିତ ବର୍ଷ ସାଧାରଣ ଖାଉଟି ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ପିଆଜ, ଆଳୁ, ଡାଲି ଏବଂ ପନିପରିବା ଦର ବଢ଼ିବା ଯୋଗୁ ସାଧାରଣ ଖାଉଟି ନାହିଁ ନ ଥିବା ସମସ୍ୟା ସାମ୍ନା କରିଛନ୍ତି। ଚଳିତ ବର୍ଷ ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବରରେ ୬ ବର୍ଷର ସର୍ବୋଚ୍ଚ ସ୍ତର ୭.୬୧% ଛୁଇଁଛି।



## ରିଟେଲ ବ୍ୟବସାୟୀଙ୍କୁ ୯ ଲକ୍ଷ କୋଟି କ୍ଷତି

କରୋନା ମହାମାରୀ ରୋକିବା ଲାଗି ସାରା ଦେଶକୁ ଲକ୍‌ଡାଉନ ଘୋଷଣା କରାଯାଇଛି। କଟକଣା ଧୀରେ ଧୀରେ କୋହଳ ହେଉଥିବା ବେଳେ ବଜାର କିନ୍ତୁ କ୍ଷତିଗ୍ରସ୍ତ ହୋଇ ରହିଛି। ଗତ ୬୦ଦିନ ମଧ୍ୟରେ ଦେଶର ରିଟେଲ ବ୍ୟବସାୟୀଙ୍କୁ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଦେଶର ରିଟେଲ ସେକ୍ଟରରେ ଥିବା ୬୦ ଲକ୍ଷ ବ୍ୟବସାୟୀଙ୍କ ମଧ୍ୟରୁ ପ୍ରାୟ ୪୦% ଆଗାମୀ ୪ ମାସରେ ସେମାନଙ୍କ ଜୀବିକା ହରାଇବା ଆଶଙ୍କା କରାଯାଇଥିଲା।

# ଟେକ୍ନିକାଲ ରିସେସନ



## ପର୍ଯ୍ୟଟନ ଶିଳ୍ପ ବେହାଲ

କରୋନା ଯୋଗୁ ସାରା ବିଶ୍ୱ ବଜାର କ୍ଷତିଗ୍ରସ୍ତ ହୋଇଛି। ଭାରତ ବଜାରରେ କୋଭିଡ୍-୧୯କୁ ନିୟନ୍ତ୍ରଣ କରିବା ଲାଗି ସରକାର ଲଗାଇଥିବା କଟକଣା ଯୋଗୁ ଜିଡିପି ଗଭୀର ଭାବେ ପ୍ରଭାବିତ ହୋଇଛି। କରୋନା ମାଡ଼ରେ ଦେଶର ଟ୍ରାଭେଲ ଏବଂ ଟୁରିଜମ୍ ସମେତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରର ସ୍ଥିତି ବେହାଲ ହୋଇପଡ଼ିଛି। ବର୍ତ୍ତମାନ କଟକଣା କୋହଳ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସି ପାରିନାହିଁ। ଟ୍ରାଭେଲ ଏବଂ ଟୁରିଜମ୍ ଶିଳ୍ପ ସମେତ ଏହାର ସମଗ୍ର ଭାଲ୍ୟୁ ଚେନ୍‌ର କ୍ଷତି ପ୍ରାୟ ୫ ଲକ୍ଷ କୋଟି ଟଙ୍କା(୬୫.୫୭ ବିଲିୟନ ଡଲାର)ରୁ ଛୁଇଁପାରେ। ଶିଳ୍ପ ସଂଘ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ଏବଂ ହସ୍ପିଟାଲିଟି କନ୍‌ସଲ୍‌ଟିଂ ଫାର୍ମ ହୋଟେଲିଭେଟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି।

**କରୋନା ବିଶ୍ୱକୁ କବଳିତ କରି ରଖିଛି। ମହାମାରୀ ନିୟନ୍ତ୍ରଣ ପାଇଁ ସରକାର ଘୋଷଣା କରିଥିବା ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ଶକ୍ତ ଧକ୍କା ଲାଗିଛି। ଲୋକଙ୍କ ଚାକିରି ଚାଲିଯାଇଥିବା ବେଳେ ବେତନ ହ୍ରାସ, କଳକାରଖାନା ବନ୍ଦ, ସ୍ୱାସ୍ଥ୍ୟ ସଙ୍କଟ ଭଳି ସମସ୍ୟା ଦେଖାଯାଉଛି। ଗୋଟିଏ ପଟେ ଲୋକମାନେ ସଙ୍କଟ ଦେଇ ଗତି କରୁଥିବା ବେଳେ ଇନ୍ଧନ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବଢ଼ିବାରୁ ଖାଉଟି ନାହିଁ ନ ଥିବା ଅସୁବିଧାର ସାମ୍ନା କରିଛନ୍ତି। ମହାମାରୀ ସହ ଲଢ଼ିବା ଏବଂ ନୂଆ ଭାବେ ସବୁ କିଛି ଆରମ୍ଭ କରିବା ଲାଗି ଏବେ ନ୍ୟୁ ନର୍ମାଲ ସହ ଲୋକେ ଅଗ୍ରସର ହେଉଛନ୍ତି। ଚଳିତ ବର୍ଷ ଦେଶର ଅର୍ଥନୀତି ପାଇଁ ବେଶ୍ ଘଟଣା ବହୁଳ ରହି ଆସିଛି। ଦୀର୍ଘ ୪ ଦଶନ୍ଧି ମଧ୍ୟରେ ଜିଡିପିର ବଡ ହ୍ରାସ ହେଉ କିମ୍ବା ଅର୍ଥ ବ୍ୟବସ୍ଥାକୁ ଗତିଶୀଳ କରାଇବା ଲାଗି ସରକାରଙ୍କ ଆତ୍ମନିର୍ଭର ପ୍ୟାକେଜ, ବେକାରି, ବଡ ବ୍ୟାଙ୍କ ଠକେଇ ଭଳି ଅନେକ ଘଟଣା ଚର୍ଚ୍ଚିତ ହୋଇ ରହିଛି। ଚଳିତ ବର୍ଷର ଅର୍ଥନୀତି ଏବଂ ବାଣିଜ୍ୟ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ.....**

## ଖସିଗଲା ଜିଡିପି




ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୪୦ ବର୍ଷର ସର୍ବନିମ୍ନ ସ୍ତର −୨୩.୯% ଖସିଛି। ଲକ୍‌ଡାଉନ ଯୋଗୁ ଜିଡିପିରେ ଏଭଳି ହ୍ରାସ ଦେଖାଯାଇଛି। ସେହିଭଳି ଦ୍ୱିତୀୟ ତ୍ରୈମାସରେ ଜିଡିପି ୭.୫% ହ୍ରାସ ହୋଇଛି। ଅର୍ଥ ବ୍ୟବସ୍ଥାରେ ଲଗାତର ୨ ତ୍ରୈମାସରୁ ଊର୍ଦ୍ଧ୍ୱ ସମୟ ହେବ ଜିଡିପି ନିମ୍ନରେ ରହିଛି। ଏହାକୁ ଆର୍‌ବିଆଇ ଟେକ୍ନିକାଲ ରିସେସନ ବୋଲି କହିଛି। ହେଲେ ବର୍ତ୍ତମାନ ଅର୍ଥ ବ୍ୟବସ୍ଥାକୁ ନେଇ ଆଶା ଉଜ୍ଜୀବିତ ହୋଇଛି। ମାତ୍ର ଚଳିତ ଆର୍ଥିକ ବର୍ଷରେ ଏହା ସମ୍ପୂର୍ଣ୍ଣ ଟ୍ରାକ୍‌କୁ ଫେରିପାରିବ ନାହିଁ। ଜିଡିପି −୯% ରହିବା ନେଇ ଆର୍‌ବିଆଇ ଆକଳନ କରିଛି। ଫଳରେ ଭାରତ ପ୍ରଥମ ଟେକ୍ନିକାଲ ରିସେସନ ଦେଇ ଗତି କରୁଥିବା ଆର୍‌ବିଆଇ କହିଛି।



## ପୁଞ୍ଜିବଜାରରେ କରୋନା ମାଡ଼

୨୦୨୦ରେ ପୁଞ୍ଜିବଜାର ଅନେକ ଉତ୍ଥାନ ପତନ ଦେଖିଛି। ମାର୍ଚ୍ଚ ୧୯ରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ସୂଚକାଙ୍କ ରେକର୍ଡ ସ୍ତର ୧୦% ହ୍ରାସ ହୋଇଥିବା ଦେଖାଯାଇଥିଲା। ସେନ୍‌ସେକ୍ସ ନିମ୍ନ ସ୍ତର ୨୯,୩୮୯ ସ୍ତରକୁ ଖସିଥିଲା। ପରେ କାରବାର ସ୍ୱାଭାବିକ ସ୍ତର ଛୁଇଁବା ସହ ୫୩୮୦ ପଏଣ୍ଟ ରିକଭର ହୋଇପାରିଥିଲା। ଏହା ୪.୦୪% ଊର୍ଦ୍ଧ୍ୱରେ ରହି ୩୪,୧୦୩ ପଏଣ୍ଟରେ ବନ୍ଦ ହୋଇଥିଲା। କେନ୍ଦ୍ର ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରିବା ପରେ ଉଭୟ ସୂଚକାଙ୍କରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ସେହିଭଳି କୋଭିଡ୍ ଟିକାର ପରୀକ୍ଷଣ ସଫଳ ହେବା ଯୋଗୁ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟି ରେକର୍ଡ ଉଚ୍ଚ ସ୍ତରରେ ରହିଛି। ସାରା ବିଶ୍ୱର ଶେୟାର ବଜାର କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ମାତ୍ର ଆର୍ଥିକ ପ୍ୟାକେଜ ଏବଂ ଟିକା ଆଶାରେ ଏଥିରେ ପ୍ରଦର୍ଶନ ଟ୍ରାକ୍‌କୁ ଫେରିଛି।

## ନିରାଶାରେ ୫୦% ଯୁବବର୍ଗ

କୋଭିଡ୍-୧୯ ବଜାରରେ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି। ବିଶ୍ୱର ମୋଟ୍ ଯୁବବର୍ଗଙ୍କ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୫୦% ବର୍ତ୍ତମାନ ନିରାଶ ଏବଂ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୭%ଙ୍କ ନିକଟରେ ଚାକିରି ବର୍ତ୍ତମାନ ନାହିଁ। ଅପରପକ୍ଷରେ ପ୍ରାୟ ଏକତୃତୀୟାଂଶ ଯୁବବର୍ଗ ଭବିଷ୍ୟତକୁ କ୍ୟାରିୟର କ'ଣ ରହିବ ସେ ନେଇ ଅନିଶ୍ଚିତତା ଘେରକୁ ଚାଲିଯାଇଥିବା ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଆଇଏଲ୍‌ଓ ପକ୍ଷରୁ କୋଭିଡ୍-୧୯ ପ୍ରଭାବ ଉପରେ ଏକ ଅଧ୍ୟୟନରେ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି। ରିପୋର୍ଟରେ କୁହାଯାଇଛି ଯେ, ସମସ୍ୟାର ସମାଧାନ ଦିଗରେ ଯଦି କୌଣସି ପଦକ୍ଷେପ ହାତକୁ ନ ନିଆଯାଏ ତେବେ ପରିଣାମ ଭୟାବହ ହେବ।

## ଚାହିଦା ବୃଦ୍ଧି ଲାଗି କେନ୍ଦ୍ରର ପ୍ରୟାସ



କରୋନା ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ସଙ୍କଟ ସମୟ ଦେଇ ଗତି କରୁଛି। ବର୍ତ୍ତମାନ ଦେଶ ମଧ୍ୟରେ ଚାହିଦା ନ ଥିବାରୁ ଏହାର ପ୍ରଭାବ ଜିଡିପି ଉପରେ ପଡ଼ିଛି। ଖାଉଟି ଚାହିଦାକୁ ବଢ଼ାଇବା ଲାଗି ଲୋକଙ୍କ ଖର୍ଚ୍ଚ ବଢ଼ିବାର ଆବଶ୍ୟକତା ରହିଛି। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ପାର୍ବଣରତୁରେ ନୂଆ ପଦକ୍ଷେପ ଘୋଷଣା କରିଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ର କର୍ମଚାରୀଙ୍କ ଲାଗି ଅଗ୍ରିମ ଅର୍ଥ ପ୍ରଦାନ ସୁବିଧା, ଏଲ୍‌ଟିସି କ୍ୟାଶ୍ ଭାଉଚର ସ୍କିମ୍, ରାଜ୍ୟଗୁଡ଼ିକୁ ୫୦ ବର୍ଷ ଅବଧିର ସୁଧ ମୁକ୍ତ ଋଣ ଏବଂ କେନ୍ଦ୍ର ସରକାରଙ୍କ ଅତିରିକ୍ତ ୨୫ ହଜାର କୋଟି ଟଙ୍କାର ଖର୍ଚ୍ଚ ଭଳି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ।

## ଆତ୍ମନିର୍ଭର ଭାରତ



କୋଭିଡ୍ ପ୍ରଭାବକୁ କମ୍ କରିବା ଲାଗି ସରକାର ଆତ୍ମନିର୍ଭର ଭାରତ ଘୋଷଣା କରିଛନ୍ତି। ଏହା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ହେବ। ଏହା ଜିଡିପିର ୧୦% ଥିଲା। ଭାରତକୁ ଆତ୍ମନିର୍ଭର କରାଇବା ପାଇଁ ଭୋକାଲ ଫର୍ ଲୋକାଲ ଉପରେ ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ପ୍ୟାକେଜକୁ ଅନେକେ ସମାଲୋଚନା କରିଥିବା ଦେଖାଯାଏ। ଏଠାରେ ପ୍ରକୃତ ବିତ୍ତୀୟ ପଦକ୍ଷେପ ଜିଡିପିର ୨%ରୁ କମ୍ ବୋଲି କୁହାଯାଇଥିଲା। ଅଧିକାଂଶ ପ୍ୟାକେଜ ଋଣ ଉପରେ ରହିବା ଯୋଗୁ ଏହା କିଭଳି ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

## ୭,୯୨୬ କୋଟିର ବ୍ୟାଙ୍କ ଠକେଇ




ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ଭଳି ବ୍ୟକ୍ତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)କୁ ପ୍ରାୟ ୧୩ ହଜାର କୋଟି ଟଙ୍କା ଠକେଇ କରିବା ପରେ ବର୍ତ୍ତମାନ ଆଉ ଏକ ବଡ଼ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିଛି। ହାଇଦ୍ରାବାଦ ଭିତ୍ତିକ କମ୍ପାନୀ ଟ୍ରାନ୍ସଷ୍ଟ୍ରୟ ଇଣ୍ଡିଆ ଲିମିଟେଡ୍ ନାମକ କମ୍ପାନୀ କନ୍‌ସୋର୍ଟିୟମ ବ୍ୟାଙ୍କକୁ ୭,୯୨୬ କୋଟି ଟଙ୍କା ଠକେଇ କରିଛି। ଏହି କମ୍ପାନୀ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମାମଲା ରୁଜୁ ହୋଇଛି। ହୀରା ବ୍ୟବସାୟୀ ନୀରବ ମୋଦି ବ୍ୟାଙ୍କଗୁଡ଼ିକରୁ ଯେତେ ପରିମାଣର ଅର୍ଥ ଠକେଇ କରିଛନ୍ତି ତା'ଠାରୁ ଏହି ମାମଲା ବଡ଼। ନୀରବ ବର୍ତ୍ତମାନ ଲଣ୍ଡନ ଜେଲରେ ରହିଥିବା ବେଳେ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲା ଚାଲିଛି। ସେ ବ୍ୟାଙ୍କଗୁଡ଼ିକରୁ ୭,୭୦୦ କୋଟି ଟଙ୍କା ଠକେଇ କରି ଭାରତରୁ ପଳାୟନ କରିଥିଲେ।

## ସଙ୍କଟରେ ଲକ୍ଷ୍ମୀବିଳାସ, ୟେସ୍ ବ୍ୟାଙ୍କ

ଚଳିତ ବର୍ଷ ଲକ୍ଷ୍ମୀବିଳାସ ବ୍ୟାଙ୍କ ଏବଂ ୟେସ୍ ବ୍ୟାଙ୍କ ସଙ୍କଟ ସ୍ଥିତିକୁ ଚାଲିଯାଇଛନ୍ତି। ଫେବୃୟାରୀରେ ୟେସ୍ ବ୍ୟାଙ୍କ ଉପରେ ମୋରାଟୋରିୟମ ଲାଗିଥିଲା। ଆର୍‌ବିଆଇ ଏହାର ବୋର୍ଡକୁ ବରଖାସ୍ତ କରିଦେଇଛି। ଅନାଦାୟ ଋଣ ବଢ଼ିବା, ଋଣ ଠକେଇ ଭଳି ସମସ୍ୟା ଏହି ବ୍ୟାଙ୍କଗୁଡ଼ିକରେ ଦେଖାଯାଇଛି। ସେହିଭଳି ସମସ୍ୟା ଯୋଗୁ ଆର୍‌ବିଆଇ ଲକ୍ଷ୍ମୀବିଳାସ ବ୍ୟାଙ୍କକୁ ଡିବିଏସ୍ ବ୍ୟାଙ୍କ ସହ ମିଶ୍ରଣ ଘୋଷଣା କରିଛି। ଡିବିଏସ୍ ଏକ ସିଙ୍ଗାପୁର ଭିତ୍ତିକ ବ୍ୟାଙ୍କ ହୋଇଥିବା ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମିଶ୍ରଣ ପରିବର୍ତ୍ତେ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ମିଶ୍ରଣ ଲାଗି ଆର୍‌ବିଆଇ ଏକ ଘରୋଇ କ୍ଷେତ୍ର ବ୍ୟାଙ୍କ ଉପରେ ଭରସା କରିଥିବା ଦେଖାଯାଇଛି।




## ୮.୫ ଟ୍ରିଲିୟନ ଡଲାର କ୍ଷତି ସହିବ ବିଶ୍ୱ

କରୋନା ମହାମାରୀ ଲାଗି ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ଆଗାମୀ ୨ ବର୍ଷରେ ବିଶ୍ୱ ଅର୍ଥ ବ୍ୟବସ୍ଥା ପ୍ରାୟ ୮.୫ ଟ୍ରିଲିୟନ ଡଲାର କ୍ଷତି ସହିବ। ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗ ପକ୍ଷରୁ ରିପୋର୍ଟ ପାଇଥିଲା। କୋଭିଡ୍-୧୯ ଯୋଗୁ ୩୪ ନିୟୁତ ଲୋକ ଉତ୍କଟ ଦାରିଦ୍ର୍ୟକୁ ଠେଲିହୋଇଯିବା ଆଶଙ୍କା କରାଯାଉଛି। ସମସ୍ୟାରୁ ବାହାରକୁ ବାହାରିବା ଲାଗି ଅର୍ଥ ବ୍ୟବସ୍ଥାଗୁଡ଼ିକ ଉଦ୍ୟମ ଜାରି ରଖିଛନ୍ତି।

## ଏମ୍ଏସ୍ଏମ୍‌ଇକୁ ୩ ଲକ୍ଷ କୋଟି

କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ଏହି ଅବସରରେ ସରକାର ବିଭିନ୍ନ କ୍ଷେତ୍ର ଲାଗି ଗ୍ରହଣ କରିଥିବା ନୂଆ ୧୫ ପଦକ୍ଷେପ ସମ୍ପର୍କରେ ସେ ଘୋଷଣା କରିଛନ୍ତି। ଏହା ମଧ୍ୟରେ ଅଣୁ,କ୍ଷୁଦ୍ର, ମଧ୍ୟମ ଶିଳ୍ପ (ଏମ୍ଏସ୍ଏମ୍‌ଇ) ଲାଗି ୩ ଲକ୍ଷ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଛି।

## ପରପାରିରେ...



ଏମ୍‌ଡିଏଚ୍ ମୁଖ୍ୟ ଧରମପାଲ ଗୁଲାଟି



ଟିସିଏସ୍ ପ୍ରଥମ ସିଇଓ ଏଫ୍‌ସି କୋହଲି

## ଆର୍‌ବିଆଇ ପଦକ୍ଷେପ

କୋଭିଡ୍ ପ୍ରଭାବିତ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିଥିବା ଚାପକୁ କମାଇବା ଲାଗି ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ମାର୍ଚ୍ଚ ପରଠାରୁ ପ୍ରାୟ ୧୧୫ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଏହା ମାର୍ଚ୍ଚ ଏବଂ ମେ ମାସରେ ଅଫ୍ ସାଇକେଲ ମୁଦ୍ରାନୀତି କମିଟି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି। ଲୋକମାନେ ଋଣ କିସ୍ତି ବା ଇଏମ୍‌ଆଇ ପ୍ରଦାନରେ ସମସ୍ୟାକୁ ଦେଖି ଏହା ମାର୍ଚ୍ଚ ପହିଲାରୁ ମେ ୩୧ ଯାଏ ମୋରାଟୋରିୟମ ସୁବିଧା ଘୋଷଣା କରିଥିଲା। ପରେ ଏହାକୁ ଅଗଷ୍ଟ ୩୧ ଯାଏ ବୃଦ୍ଧି କରାଯାଇଛି। କ୍ଷୁଦ୍ର ବାଣିଜ୍ୟଗୁଡ଼ିକୁ ସହାୟତା କରିବା ଲାଗି କେନ୍ଦ୍ର ସରକାର ୩ ଲକ୍ଷ କୋଟି ଟଙ୍କାର ଏମର୍ଜେନ୍ସି କ୍ରେଡିଟ୍ ଲିଙ୍କ୍‌ଡ ଗ୍ୟାରେଣ୍ଟି ସ୍କିମ୍ ଘୋଷଣା କରିଛି।

## ବଦାନ୍ୟତାରେ ପ୍ରେମ୍‌ଜୀ ଶୀର୍ଷରେ



୨୦୧୯-୨୦ ବର୍ଷ ଲାଗି ପ୍ରକାଶିତ ଭାରତୀର ଫିଲାନଥ୍ରୋପି ବା ବଦାନ୍ୟତା ତାଲିକାରେ ୱିପ୍ରୋର ଅଜୀମ ପ୍ରେମ୍‌ଜୀ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ସେ ଦୈନିକ ୨୨ କୋଟି ଏବଂ ବାର୍ଷିକ ମୋଟ ୭୯୦୪ କୋଟି ଟଙ୍କା ଦାନ କରିଛନ୍ତି। ହୁରୁନ ରିପୋର୍ଟ ଇଣ୍ଡିଆ ଏବଂ ଏଡେଲ ଗିଭ୍ ଫାଉଣ୍ଡେଶନ ପକ୍ଷରୁ ଭାରତୀୟ ବଦାନ୍ୟ ବ୍ୟକ୍ତିଙ୍କ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଏଚ୍‌ସିଏଲ୍ ଟେକ୍ନୋଲୋଜିର ଶିବ ନାଦାର ଶୀର୍ଷରେ ରହି ଆସୁଥିଲେ। ହେଲେ ପ୍ରେମ୍‌ଜୀ ତାଙ୍କୁ ପଛରେ ପକାଇ ଦେଇଛନ୍ତି। ଆର୍ଥିକ ବର୍ଷ ୨୦୧୯-୨୦ରେ ନାଦାର ୭୯୫ କୋଟି ଟଙ୍କା ଦାନ କରିଥିବା ବେଳେ ଏହାର ପୂର୍ବବର୍ଷ ୮୨୬ କୋଟି ଟଙ୍କା ଦାନ କରିଥିଲେ। ତାଲିକାର ତୃତୀୟ ସ୍ଥାନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ରହିଛନ୍ତି। ମୁକେଶ ବାର୍ଷିକ ୪୫୮ କୋଟି ଟଙ୍କା ଦାନ କରିଛନ୍ତି।

## ଏଚ୍-୧ ବି ବ୍ୟାନ୍




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ ବି ଭିଜା ଉପରେ ଜୁନ୍‌ରେ କଟକଣା ଲଗାଇଥିଲେ। ଚଳିତ ବର୍ଷ ଶେଷ ଯାଏ ବିଦେଶୀ ଭିଜା ଜାରି କରିବା ଉପରେ ସ୍ୱଳ୍ପ ଅବଧି ଲାଗି ଟ୍ରମ୍ପ ପ୍ରଶାସନ କଟକଣା ଲଗାଇଥିଲା। ଆମେରିକାବାସୀଙ୍କ ନିଯୁକ୍ତିକୁ ସୁରକ୍ଷା ଦେବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଟ୍ରମ୍ପ କହିଥିଲେ। ପ୍ରମୁଖ ଆଇଟି କମ୍ପାନୀ ଏବଂ ଆମେରିକାର ଫାର୍ମଗୁଡ଼ିକ ଏହି ବ୍ୟାନ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅକ୍ଟୋବରରେ ୟୁଏସ୍‌ର ଏକ ଫେଡେରାଲ ଜଜ୍ କୋର୍ଟ ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତିକୁ ରଦ୍ଦ କରିଥିଲେ। ଫଳରେ ଭାରତୀୟ ଟେକ୍ ପ୍ରଫେଶନାଲଙ୍କୁ ଆଶ୍ୱସ୍ତି ମିଳିଛି।

## ଚାଇନା ଆପ୍ ଉପରେ ଡିଜିଟାଲ ଷ୍ଟ୍ରାଇକ୍

ଗଲୱାନ ଘାଟିରେ ୨୦ ଯବାନ ଶହୀଦ ହେବା ପରେ ଭାରତ ସରକାର ଚାଇନା ମୋବାଇଲ ଆପ୍ଲିକେଶନ ଉପରେ ସିରିଜରେ ଡିଜିଟାଲ ଷ୍ଟ୍ରାଇକ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତ ୨୬୭ ମୋବାଇଲ ଆପ୍ଲିକେଶନ ଉପରେ କଟକଣା ଲଗାଇଛି। ଭାରତ ପରେ ଆମେରିକା ମଧ୍ୟ ସମାନ ପନ୍ଥା ଆପଣାଇଛି। ବ୍ଲକ୍ ହୋଇଥିବା ଆପ୍ଲିକେଶନ ମଧ୍ୟରେ ଟିକ୍‌ଟକ୍, ଆଲି ଏକ୍ସପ୍ରେସ୍, ପବ୍‌ଜୀ, ୟୁସି ବ୍ରାଉଜର, ୱିଚାଟ୍, କ୍ୟାମ୍ ସ୍କାନର, ବାଇଡୁ ସର୍ଚ୍ଚ, ୱିବୁ ରହିଛି। ସେହିଭଳି ଭାରତର ଟେଲିକମ ଯନ୍ତ୍ରାଂଶ ବିଶ୍ୱସ୍ତ ସୂତ୍ରରୁ କ୍ରୟ କରିବା ନେଇ ସରକାର ଯୋଜନା ରଖିଛନ୍ତି।




## ସର୍ବବୃହତ୍ ଏଫ୍‌ଡିଆଇ ଡିଲ୍



ଚଳିତ ବର୍ଷ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଜିଓ ପ୍ଲାଟ୍‌ଫର୍ମର ୧୦% ଅଂଶ ଧନକୁ ୪୩,୫୭୪ କୋଟି ଟଙ୍କାରେ ବିକ୍ରି କରିଥିଲେ। ଏହା ଭାରତୀୟ ଟେକ୍ନୋଲୋଜି କ୍ଷେତ୍ରର ସର୍ବବୃହତ୍ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଡିଲ୍। ରିଲାଏନ୍ସରେ ନିବେଶ ଲାଗି ଚଳିତ ବର୍ଷ ବିଶ୍ୱସ୍ତରୀୟ ନିବେଶକଙ୍କ ଲାଇନ ଲାଗିଥିଲା। ଗୁଗଲ ଜିଓରେ ୭.୭୩% ଅଂଶଧନ ହାସଲ କରିବା ସହ ୩୩,୭୩୭ କୋଟି ନିବେଶ କରିଛି। ଏହା ଭାରତରେ ଗୁଗଲର ସବୁଠୁ ବଡ଼ ଧରଣର ନିବେଶ। ଜିଓ ପ୍ଲାଟ୍‌ଫର୍ମ ମୋଟ ୧.୫୨ ଲକ୍ଷ କୋଟି ଟଙ୍କାର ନିବେଶ ହାସଲ କରିଛି। ୧୩ ଆର୍ଥିକ ଏବଂ ଷ୍ଟ୍ରାଟେଜିକ ନିବେଶକ ଜିଓରେ ୩୩% ଅଂଶଧନ ହାସଲ କରିଛନ୍ତି।

## ଏୟାର ଇଣ୍ଡିଆ ଅଧିଗ୍ରହଣ ଲକ୍ଷ୍ୟରେ ଟାଟା

ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ୍ ଟାଟା ଏୟାର ଇଣ୍ଡିଆ ଅଧିଗ୍ରହଣ ଲାଗି ଟାଟା ଆଗ୍ରହ ଦେଖାଇଛି। ଏଥିଲାଗି କମ୍ପାନୀ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ ଦାଖଲ କରିଛି। ଟାଟା ଗ୍ରୁପ୍ ୧୯୩୨ରେ ଟାଟା ଏୟାର ଲାଇନ୍ସ ସ୍ଥାପନ କରିଥିଲା। ୧୯୫୩ରେ ସରକାର ଏହାକୁ ନିଜ ଅଧୀନକୁ ନେଇଥିଲେ। ପ୍ରାୟ ୬୭ ବର୍ଷ ପରେ ଏୟାର ଇଣ୍ଡିଆର ଘରବାହୁଡ଼ା ହେବାକୁ ଯାଉଛି।






## ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଲିଡରଶିପ୍ ପରିବର୍ତ୍ତନ

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପୁରୀ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୨୫ ବର୍ଷ ହେବ ସେ ବ୍ୟାଙ୍କର ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭାରତର ସର୍ବବୃହତ୍ ଘରୋଇ କ୍ଷେତ୍ର ବ୍ୟାଙ୍କ ହେବାର ଗୌରବ ହାସଲ କରିପାରିଛି। ୨୦୧୮ ନଭେମ୍ବର ପରଠାରୁ ଏହି ବ୍ୟାଙ୍କ ସିଷ୍ଟମରେ ୩ଟି ବଡ଼ ସମସ୍ୟା ସାମ୍ନା କରିଛି। ଏହାର ଡାଟା ସେଣ୍ଟରରେ ସମସ୍ୟା ଯୋଗୁ ମୋବାଇଲ, ନେଟ୍‌ବ୍ୟାଙ୍କିଙ୍ଗ୍ ଭଳି ଅନ୍ୟ ସେବା ବାଧାପ୍ରାପ୍ତ ହୋଇଛି। ଫଳରେ ଏହି ବ୍ୟାଙ୍କର ନୂଆ କ୍ରେଡିଟ କାର୍ଡ ଏବଂ ଅନ୍ୟ ସେବା ଶୁଭାରମ୍ଭ ଉପରେ ଚଳିତ ବର୍ଷ ଆର୍‌ବିଆଇ କଟକଣା ଲଗାଇଛି।

## ଆର୍‌ଟିଜିଏସ୍ ପେମେଣ୍ଟ, ଚେକ୍ ସିକ୍ୟୁରିଟି

୧୪ ଡିସେମ୍ବରରୁ ଆର୍‌ବିଆଇ ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍)କୁ ୨୪ ଘଣ୍ଟିଆ କରିଛି। ମୋଟା ଅଙ୍କର ଟଙ୍କା ପଠାଇବା ଲାଗି ଏହି ସିଷ୍ଟମକୁ ବ୍ୟବହାର କରାଯାଉଛି। ସେହିଭଳି ଠକେଇ ରୋକିବା ଏବଂ ନିରାପଦ ଚେକ୍ ପେମେଣ୍ଟ ଲାଗି ଆର୍‌ବିଆଇ ପଜିଟିଭ ପେ ସିଷ୍ଟମ ଲାଗୁ କରିଛି। ଏଥିରେ ଚେକ୍ ଇସ୍ୟୁ କରୁଥିବା ବ୍ୟକ୍ତି ବ୍ୟାଙ୍କ ଆବଶ୍ୟକ କରୁଥିବା ସମସ୍ତ ସୂଚନା ଦେବାକୁ ପଡ଼ିବ। ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଚେକ୍ ଲାଗି ଏହା କାମ କରିବ। ହିତାଧିକାରୀଙ୍କୁ ଚେକ୍ କ୍ଲିୟର କରିବା ପୂର୍ବରୁ ଚେକ୍ ଲାଭ କରିଥିବା ବ୍ୟାଙ୍କ ସବୁ ତଥ୍ୟକୁ ତର୍ଜମା କରିବ।



ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ଡିସେମ୍ବର ୨୮, ୨୦୨୦



## ବେଷ୍ଟ ସ୍କୁଲ୍ ତାଲିକାରେ ବୁଗୁଡ଼ାର ୪ ବିଦ୍ୟାଳୟ

ବୁଗୁଡ଼ା,(ଡି.ଏନ.ଏ.)-ଗଞ୍ଜାମ ଜିଲାର ୮୫ ବେଷ୍ଟ ସ୍କୁଲ-୨୦୨୦ ତାଲିକାରେ ବୁଗୁଡ଼ାର ୪ଟି ବିଦ୍ୟାଳୟ ରହିଛି। ସେଗୁଡ଼ିକ ହେଲେ ବୁଗୁଡ଼ା ବ୍ଲକ ଅନ୍ତରପଡ଼ା ଗ୍ରାମ ଶାଙ୍କୁଳାଇ ବିଦ୍ୟାପୀଠ, ବିରଞ୍ଚିପୁର ଗ୍ରାମର ଶ୍ରୀ ରାଧାକୃଷ୍ଣ ହାଇସ୍କୁଲ, ଖୋଲଖାଲିର ବାଙ୍କେଶ୍ୱରୀ ବିଦ୍ୟାପୀଠ ଏବଂ ଏନ୍‌ଏସି ଅନ୍ତର୍ଗତ ବୀରଧନଞ୍ଜୟପୁର ସ୍ଥିତ ବୁଦ୍ଧଗିରି ବିଦ୍ୟାପୀଠର ନାମ ସ୍ଥାନ ପାଇଛି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳକୁ ଆଧାର କରି ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ବୁଗୁଡ଼ାର ଉକ୍ତ ୪ଟି ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଫରାସୀଙ୍କ ବିରୋଧରେ ପ୍ରଥମେ ଘୁମୁସର ବିପ୍ଳବ ହୋଇଥିଲା

**ଭଞ୍ଜନଗର,୨୭।୧୨(ଡି.ଏନ୍.ଏ.)**




ମଞ୍ଚାସୀନ ଅତିଥି।

ଘୁମୁସର ବିପ୍ଳବର ୨୬୭ବର୍ଷ ପୂର୍ତ୍ତି ଉତ୍ସବ ରବିବାର ପାଳିତ ହୋଇଯାଇଛି। ଅର୍ଥନୈତିକ ସ୍ୱାଧୀନତା ମଞ୍ଚ ପକ୍ଷରୁ ସ୍ଥାନୀୟ ବାର୍ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ବୀରଙ୍କ ବ୍ୟକ୍ତିଗତ ସ୍ୱାର୍ଥରେ ବାଧା ଆସିବାରୁ ଇଂରେଜ ଶାସକଙ୍କ ବିରୋଧରେ ଲଢ଼େଇ କରିଥିଲେ। କିନ୍ତୁ ଘୁମୁସର ବିପ୍ଳବୀ ବୀର ଚକରା ବିଷୋୟୀ ବିନା ସ୍ୱାର୍ଥରେ ଫରାସୀମାନଙ୍କ ବିରୋଧରେ ଲଢ଼େଇ କରିଥିଲେ। ୧୭୫୩ରେ ଫରାସୀମାନଙ୍କ ସହ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କ ଲଢ଼େଇ ହୋଇଥିଲା। ଏଠାରୁ ହିଁ ଘୁମୁସର ବିପ୍ଳବ ଆରମ୍ଭ ହୋଇଥିଲା। ଦେଶ ସ୍ୱାଧୀନତାର ପ୍ରଥମ ଆନ୍ଦୋଳନ ହେଉଛି ଘୁମୁସର ବିପ୍ଳବ। ଉକ୍ତ ଲଢ଼େଇରେ ଫରାସୀ ସୈନ୍ୟ ପରାଜୟବରଣ କରିଥିଲେ। ଘୁମୁସର ବିପ୍ଳବ ଫରାସୀମାନଙ୍କ ବିରୋଧରେ ଭାରତ ଇତିହାସରେ ପ୍ରଥମ ବିପ୍ଳବ। ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରୁ ଏହି ବିପ୍ଳବ ସମ୍ପର୍କରେ ଅନେକ ଲୋକ ଏବେବି ଜାଣିପାରୁନାହାନ୍ତି। ତେଣୁ ଘୁମୁସର ବିପ୍ଳବ ଇତିହାସ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଚକରା ବିଷୋୟୀଙ୍କୁ ନେଇ ଜାତି ରାଜନୀତି କରିବା ଠିକ୍ ନୁହେଁ। ସେ ଜଣେ ବୀର ପୁରୁଷ। ଅଞ୍ଚଳର ସାମୂହିକ ହିତ ଦୃଷ୍ଟିରୁ ଚକରାଙ୍କୁ ଜାତି ମଧ୍ୟରେ ସୀମିତ ରଖା ନ ଯାଉ। ଉତ୍ସବରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ସଂସ୍କାରକ ବଂଶୀଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଞ୍ଜ ଗବେଷକ ଡ.ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗବେଷକ ବ୍ରଜ କିଶୋର ପାଢ଼ୀ, ଲେଖକ ସୁରେନ୍ଦ୍ର ଶତପଥୀ, ପ୍ରଶାନ୍ତ ମହାନ୍ତି, ବାର୍ ଆସୋସିଏଶନ ସଭାପତି ଦଣ୍ଡପାଣି ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ

**ବିନା ସ୍ୱାର୍ଥରେ ଲଢ଼େଇ କରିଥିଲେ ଚକରା**

ଯୋଗଦେଇ ଘୁମୁସରର କଳା, ସାହିତ୍ୟ, ଐତିହ୍ୟ, ପରମ୍ପରା ସମ୍ପର୍କରେ କହିଥିଲେ। ଆଇନଜୀବୀ ସୋମନାଥ ନାୟକ, ଇ. ବିଚିତ୍ରାନନ୍ଦ ମୁନି, ଡ. ସୁରେଶ ଚନ୍ଦ୍ର ପଣ୍ଡା, କୃଷି ବିଶେଷଜ୍ଞ ରାଜେନ୍ଦ୍ର ଦାସ, ଦୟାନିଧି ନାୟକ, ରାଜେନ୍ଦ୍ର ବିଷୋୟୀ, ଅଧ୍ୟାପକ ଦୁର୍ଗା ମାଧବ ଦାସଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଥନୈତିକ ସ୍ୱାଧୀନତା ମଞ୍ଚ ସଭାପତି ଗୋପାଳକୃଷ୍ଣ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଗୋପାଳ ଚନ୍ଦ୍ର ଲେଙ୍କା ବିବରଣୀ ପାଠ କରିଥିଲେ। ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମେଡ଼ିକାଲରେ ଡାକ୍ତରଙ୍କ ଧୂମପାନ ଘଟଣା
## ସାମ୍ବାଦିକ ସମ୍ମିଳନୀ ଡାକି ଘଟଣାକୁ ନିନ୍ଦା

ପାତ୍ରପୁର, ୨୭।୧୨(ଡି.ଏନ୍.ଏ.)- ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଡଦିନ ପାଳନ ଅବସରରେ ଡାକ୍ତରଙ୍କ ଧୂମପାନ ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ଓ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସାମାଜିକ କର୍ମୀ ରବୀନ୍ଦ୍ରନାଥ ଦ୍ୟାନ ସାମନ୍ତରା ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଡାକି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏଥିସହ ସମ୍ପୃକ୍ତ ଡାକ୍ତରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ସେହିଭଳି ମେଡିକାଲକୁ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଆସୁଥିବା ଅର୍ଥ କିଭଳି ଓ କେଉଁ ବାଟରେ ଖର୍ଚ୍ଚ ହେଉଛି ତାର ଭିଜିଲାନ୍ସ ତଦନ୍ତ ସେ ଦାବି କରିଛନ୍ତି। ସମ୍ମିଳନୀରେ ଗୁଣ୍ଠୁରା ପୂର୍ବତନ ସରପଞ୍ଚ ଡି. ଶିବ ରାଓ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ ପତି, ସୀମାଞ୍ଚଳ ପ୍ରଧାନ, ମାଧବ ସେଠୀ, ସାମନ୍ତରାପୁର ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଶନିବାର ଫଟୋ ଭାଇରାଲ ପରେ ସିଡିଏମ୍‌ଓ ଉମାଶଙ୍କର ମିଶ୍ର ଏଡିପିଏଚ୍‌ଓଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ।

## ଚାମୁଣ୍ଡେଶ୍ୱରୀ ମନ୍ଦିର ଉନ୍ନୟନ ପରିଚାଳନା କମିଟି ଗଠିତ

ଦିଗପହଣ୍ଡି,୨୭।୧୨(ଡି.ଏନ୍.ଏ.)- ଦିଗପହଣ୍ଡି ସହର ଉପକଣ୍ଠ ଚାମୁଣ୍ଡେଶ୍ୱରୀ ମନ୍ଦିର ଉନ୍ନୟନ ପରିଚାଳନା କମିଟି ଗଠନ କରାଯାଇଛି। ମନ୍ଦିର ପାଦଦେଶରେ ଥିବା ଆଦର୍ଶ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ଆଲୋଚନା ସଭାରେ ଗଜପତି ଜିଲା ମହେନ୍ଦ୍ରଗିରି ଆଶ୍ରମର ପ୍ରତିଷ୍ଠାତା ଭାସ୍କର ତୀର୍ଥ ଲକ୍ଷ୍ମୀ ବାବା ଆବାହକବ୍ରତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରହ୍ଲାଦ ସ୍ୱାଇଁ, ନାରାୟଣ ସାବତ, ମିଳନ ପାଣିଗ୍ରାହୀ, ନୀଳକଣ୍ଠ ପଟ୍ଟନାୟକ, ଅନିଲ କୁମାର ସାହୁ, ଗୀତାଞ୍ଜଳି ପଣ୍ଡା, ବିଘ୍ନରାଜ ପାଣିଗ୍ରାହୀଙ୍କୁ କାର୍ଯ୍ୟକର୍ତ୍ତା ଭାବେ ଚୟନ କରାଯାଇଥିଲା। ଆଇନଜୀବୀ ପରେଶ ଚନ୍ଦ୍ର ରଥ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ହେମନ୍ତ କୁମାର ପାଣିଗ୍ରାହୀ, କାଳୀ ଚରଣ ପାଢ଼ୀ, ଅଞ୍ଜଳି ପଣ୍ଡା, ପୁଷ୍ପଲତା ବେହେରା ପ୍ରମୁଖଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି।

## ଜିଲାସ୍ତରୀୟ ସ୍ୱଚ୍ଛତାଗ୍ରାହୀ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ

ବୁଗୁଡ଼ା,୨୭।୧୨(ଡି.ଏନ.ଏ.)- ବୁଗୁଡ଼ା ବ୍ଲକ ବୁଦ୍ଧଖୋଲ ପାଦଦେଶରେ ରବିବାର ଗଞ୍ଜାମ ଜିଲାର ୨୨ଟି ବ୍ଲକର ସ୍ୱଚ୍ଛତାଗ୍ରାହୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତାରିଣୀ ଭୂୟାଁ ଅଧକ୍ଷତା କରିଥିଲେ। ବୈଠକରେ ସ୍ୱଚ୍ଛତାଗ୍ରାହୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ସଂଗଠନ ଗଠନ କରାଯାଇ ଜିଲାସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଉକ୍ତ ସଂଗଠନର ଜିଲାସ୍ତରୀୟ ସଭାପତି ରୂପେ ଶିବରାମ ପ୍ରଧାନ, ଉପସଭାପତି ଗଗନ ବେହେରା, ସମ୍ପାଦକ ନୃସିଂହ ଚରଣ ଦାଶ, ସହ ସମ୍ପାଦକ ନଗୁରୁ ପ୍ରଧାନ, ସଂଯୋଜକ ସଞ୍ଜୟ କୁମାର ମହାରଣା ନିର୍ବାଚିତ ହୋଇଥିଲେ। ଏଥିସହ ସଙ୍ଗଠନର ଉପଦେଷ୍ଟା ଭାବେ ନନ୍ଦିନୀ ସାମଲ, ଲକ୍ଷ୍ମୀ ନାରାୟଣ ନାୟକ, ତାରିଣୀ ଚରଣ ଭୂୟାଁ ପ୍ରମୁଖ ମନୋନୀତ ହୋଇଥିଲେ। ଶେଷରେ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ହୋଇଥିଲା।

## ହିଂସ୍ରଜନ୍ତୁ ଆକ୍ରମଣ, ୩ ଆହତ

**ଖଲ୍ଲିକୋଟ,୨୭।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ବାଦପଲି ନୂଆସାହି ଗ୍ରାମରେ ରବିବାର ରାତିରେ ହିଂସ୍ରଜନ୍ତୁ ଆକ୍ରମଣରେ ୩ ଆହତ ହୋଇଛନ୍ତି। ସେମାନେ ହେଲେ ସନିଆ ପ୍ରଧାନ (୬୫), ରବୀନ୍ଦ୍ର ପ୍ରଧାନ (୩୦), ଦୁଃଶାସନ ପ୍ରଧାନ (୬୦)। ସେମାନଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉକ୍ତ ଗ୍ରାମଟି ପାହାଡ଼ ନିକଟରେ ରହିଛି। ସନିଆ ଗୁହାଳରେ ଛେଳି ବାନ୍ଧୁଥିବା ବେଳେ ଏକ ହିଂସ୍ରଜନ୍ତୁ ଛେଳିକୁ ଆକ୍ରମଣ କରିବା ସହ ତାଙ୍କ ମୁହଁକୁ କାମୁଡ଼ି ଦେଇଥିଲା। ସେହିପରି ଗାଁ ପୋଖରୀରୁ ଶୌଚ କରି ରବୀନ୍ଦ୍ର ଓ ଦୁଃଶାସନ ଫେରୁଥିବା ବେଳେ ହିଂସଜନ୍ତୁଟି ସେମାନଙ୍କୁ ଆକ୍ରମଣ କରି ଜଙ୍ଗଲକୁ ପଳାଇଥିଲା। ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ ଓ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗ୍ରାମବାସୀ ଏହାକୁ ହେଟାବାଘ ବୋଲି କହୁଥିବା ବେଳେ ରେଞ୍ଜର ସାହୁ ବିଲୁଆ କିମ୍ବା ଅନ୍ୟ କୌଣସି ହିଂସ୍ରଜନ୍ତୁ ହୋଇପାରେ, ଅନୁସନ୍ଧାନ ପରେ ତାହା ଜଣାପଡ଼ିବ ବୋଲି କହିଛନ୍ତି।

# କୃଷି ଆଇନ ବିରୋଧରେ ବିକ୍ଷୋଭ



ପ୍ରତିବାଦ ସଭାରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ଦିଗପହଣ୍ଡି,୨୭।୧୨(ଡି.ଏନ.ଏ.)**

କେନ୍ଦ୍ରର କୃଷି ଆଇନକୁ ବିରୋଧ ଓ ଆନ୍ଦୋଳନ ରତ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଦିଗପହଣ୍ଡି ଗାନ୍ଧୀ ଛକଠାରେ ରବିବାର ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ ସମିତି(ଏଆଇକେଏସ୍‌ସିସି)ର ଡାକରା କ୍ରମେ ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ବେଳେ ସ୍ଥାନୀୟ କଂଗ୍ରେସ୍ – କମ୍ୟୁନିଷ୍ଟ ପାର୍ଟି ସମର୍ଥିତ ବିଭିନ୍ନ ଚାଷୀ ସଙ୍ଗଠନର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ଘଣ୍ଟ ବାଡ଼େଇ ଥିଲେ। ପରେ କେନ୍ଦ୍ର ସରକାରଙ୍କ ବିରୋଧରେ ଆୟୋଜିତ ପ୍ରତିବାଦ ସଭାରେ ସିପିଆଇ (ଏମ) କାର୍ଯ୍ୟକର୍ତ୍ତା ଅଶିନୀ କୁମାର ଦାସ, କୁରେଶୁ ପଣ୍ଡା, ପି.ଶିବ ଶଙ୍କର, କୈଳାସ ମହାରଣା, ସିପିଆଇ ଗଞ୍ଜାମ ଜିଲା ସହ ସମ୍ପାଦକ ଅଳକ ନାଥ ମିଶ୍ର, କାର୍ଯ୍ୟକର୍ତ୍ତା ହରପ୍ରସାଦ ରଥ, ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପ ସଭାପତି ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦେଶବ୍ୟାପୀ ଚାଲିଥିବା ଚାଷୀ ଆନ୍ଦୋଳନକୁ ଜନସାଧାରଣ ସମର୍ଥନ କରିବାପାଇଁ ସଭାରେ ଦଳୀୟ ନେତୃବୃନ୍ଦ ନିବେଦନ କରିଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଫେରାର

**ଦିଗପହଣ୍ଡି,୨୭।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ୭ ବର୍ଷ ପୂର୍ବେ ବିବାହ ବେଳେ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହର କିଛି ଦିନ ପରେ ସ୍ୱାମୀ ଓ ଶାଶୁ ଅଧିକ ଯୌତୁକ ଦାବି କରିଥିଲେ। ସେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ସ୍ୱାମୀ ଓ ଶାଶୁ, ଶଶୁର ମାଡ଼ ମାରୁଥିଲେ। ଫଳରେ ସମ୍ପୃକ୍ତ ମହିଳା ବାପ ଘରେ ରହୁଥିଲେ। କୁଳ ଲୋକଙ୍କ ହସ୍ତକ୍ଷେପ ପରେ ଆପୋସ ସମାଧାନ ହେବାରୁ ସେ ଶଶୁର ଘରକୁ ଫେରିଥିଲେ। ଗତ ୧୦ ତାରିଖରେ ଉକ୍ତ ମହିଳାଙ୍କୁ ପୁଣି ଶାଶୁଘର ଲୋକେ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ଏପରିକି ଘରର ସମସ୍ତ ଆସବାବ ପତ୍ର, ଗହଣା ସମେତ ୫ ବର୍ଷର ଶିଶୁଙ୍କୁ ସ୍ୱାମୀ ଜବରଦସ୍ତ ନେଇଯାଇଥିବା ମହିଳା ଦିଗପହଣ୍ଡିଥାନାରେ ଏତଲା ଦେଇଛନ୍ତି। ନଂ.୩୧୫/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

# କରୋନା ଯୋଦ୍ଧା ସମ୍ମାନୀତ



ଡିଆଇପିଆର୍‌ଓଙ୍କୁ ସମ୍ମାନୀତ କରାଯାଉଛି।

**ଛତ୍ରପୁର,୨୭।୧୨(ଡିଏନଏ )**

ଡ଼. ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ପରିଷଦ ପକ୍ଷରୁ ଛତ୍ରପୁରସ୍ଥିତ ରିଡିଙ୍ଗ୍ ରୁମ୍‌ରେ ଶନିବାର କରୋନା ଯୋଦ୍ଧା ମାନଙ୍କୁ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଯୋଗଦେଇ ସାମ୍ବାଦିକ ତଥା କରୋନା ଯୋଦ୍ଧା ମାନଙ୍କ କୋଭିଡ ପରିଚାଳନା ଓ ମୁକାବିଲାରେ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରମ୍ଭା ବନାଞ୍ଚଳ ଅଧିକାରୀ ରଶ୍ମିତା ଜେନା ଯୋଗଦେଇ କରୋନା ମୁକାବିଲା ଓ ସାମ୍ବାଦିକଙ୍କ ଭୂମିକା ଉପରେ କହିଥିଲେ। ଡ଼ ଏପିଜେ ଅବଦୁଲ କାଲାମ ଜନ କଲ୍ୟାଣ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ଶ୍ରୀହର୍ଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ, ସାମ୍ବାଦିକ ତଥା କରୋନା ଯୋଦ୍ଧା ମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ଘୋଟାଲା ଅଭିଯୋଗ

**ଜଗନ୍ନାଥପ୍ରସାଦ,୨୭।୧୨(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡ଼ି ଗ୍ରାମ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜିରାବାଡ଼ିଠାରୁ ନେପା ଗ୍ରାମ ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପ ୨୦୧୮ରେ ନିର୍ଦ୍ଧାରଣ କରି କୋଡ଼ ନମ୍ବର ୩୧୦୦୧୭୫୧ ରଖାଯାଇଥିଲା। କୋଭିଡ୍ ପରିସ୍ଥିତି ଅନୁଧ୍ୟାନ କରି ଶ୍ରମିକମାନଙ୍କୁ କାମ ଯୋଗାଇବାର ନିର୍ଦ୍ଦେଶ ଥିଲା। କିନ୍ତୁ ଏହି ଅର୍ଥକୁ ପରିଚାଳନା କରୁଥିବା ଅଧିକାରୀମାନେ ରାସ୍ତା ତିଆରି ନ କରି ଆତ୍ମସାତ୍ କରିଛନ୍ତି। ଏପରିକି କେତେଜଣ ଅଣ ଶ୍ରମିକଙ୍କ ଖାତାକୁ ଟଙ୍କା ଛଡ଼ାଯାଇଥିବା ଗ୍ରାମବାସୀ ଅଭିଯୋଗ କହିଛନ୍ତି। ଏହାର ତଦନ୍ତ ପାଇଁ ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଜିରାବାଡ଼ି ସରପଞ୍ଚଙ୍କ କାର୍ଯ୍ୟାଳୟରୁ ପ୍ରକାଶ ଯେ, ଏହି ଟଙ୍କାକୁ ରାସ୍ତା ବାବଦରେ ଖର୍ଚ୍ଚ କରା ନ ଯାଇ ପଞ୍ଚାୟତ ନିକଟ ପୋଖରୀ ଗାର୍ଡ୍‌ୱାଲ ଓ ପାଚେରି ନିର୍ମାଣରେ ଖର୍ଚ୍ଚ କରାଯାଇଛି।

## ବର୍ଜ୍ୟବସ୍ତୁ ପରିଚାଳନା ନେଇ ସଚେତନତା

**ପାରଳାଖେମୁଣ୍ଡି, ୨୭।୧୨(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ଗଠନ ହୋଇଥିବା ସ୍ୱଚ୍ଛ ସାଥୀ ଟିମ୍ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ କିପରି ପରିଚାଳନା କରିବେ ଏବଂ ଲୋକମାନେ ପୌର ପରିଷଦର ବିଭିନ୍ନ ବର୍ଜ୍ୟବସ୍ତୁ ଯାନବାହାନରେ ଦେବେ ସେ ବିଷୟରେ ସଚେତନ କରାଯାଇଛି। ଘରମାନଙ୍କରୁ ବାହାରୁଥିବା ଓଦା ବର୍ଜ୍ୟବସ୍ତୁକୁ ପୌର ପରିଷଦ ଦ୍ୱାରା ଗଠନ କରାଯାଇଥିବା ସ୍ୱତନ୍ତ୍ର ଯାନରେ ପକାଇବାକୁ କୁହାଯାଇଛି। ସେହିପରି ଶୁଖିଲା ବର୍ଜ୍ୟବସ୍ତୁକୁ ଅନ୍ୟ ଏକ ସ୍ଥାନରେ ପକାଇବାକୁ ସଚେତନ କରାଯାଇଛି। ଏଥିପାଇଁ ପୌର ପରିଷଦ ପକ୍ଷରୁ ସଭା କରି ଲୋକମାନଙ୍କୁ ସଚେତନ କରାଯାଇଛି। ଏହାସହ ୨୦୨୦–୨୧ ସ୍ୱଚ୍ଛ ସର୍ବେକ୍ଷଣକୁ ସଫଳ ପାଇଁ ଆହ୍ୱାନ କରିଥିଲେ। ଏହି ସ୍ୱଚ୍ଛସାଥୀମାନେ ପାରଳାଖେମୁଣ୍ଡି ପୌର ପରିଷଦର ସମସ୍ତ ୧୬ ୱାର୍ଡ ବୁଲି ସଚେତନ କରିବେ। ସମସ୍ତ କାର୍ଯ୍ୟକ୍ରମ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶରେ ହୋଇଥିବା ଜଣାପଡିଛି।

# ବିଭିନ୍ନ ପ୍ରକଳ୍ପ ଶୁଭଦେଲେ ଜିଲାପାଳ

**କବିସୂର୍ଯ୍ୟନଗର,୨୭।୧୨**



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ସକାଳେ କବିସୂର୍ଯ୍ୟନଗର ସ୍ଥିତ ନିରୂପିତ ଭଗ୍ନ ସବ୍‌ରେଜିଷ୍ଟ୍ରାର କଲୋନୀଠାରେ ପହଞ୍ଚି ବିଭିନ୍ନ ପ୍ରକଳ୍ପର ଶୁଭ ଦେଇଥିଲେ। ପ୍ରକଳ୍ପ ମଧ୍ୟରେ ବଜାର ଗୃହ, ଆହାର କେନ୍ଦ୍ର, ପୋଲିସ ବିଟ୍ ହାଉସ୍, ବସ୍‌ଷ୍ଟପ୍, ଶୌଚାଳୟ ଆଦି ରହିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ପ୍ରାକ୍ତନ ନଗରପାଳ ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ ଓ ପ୍ରକାଶ ସାହୁ, ନଗର ବିଜେଡି ମହିଳା ସଭାନେତ୍ରୀ ପୂଜା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ସମାଜସେବୀ ଇ.ମାହେଶ୍ୱରୀ ଦୋରା, ବିଡିଓ ବାସୁଦେବ ନାୟକ, ତହସିଲଦାର ପ୍ରକାଶ ମିଶ୍ର, ଆଇଆଇସି ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ ହେବା ସହ ରାସ୍ତା ପ୍ରଶସ୍ତୀକରଣ ଖୁବଶୀଘ୍ର ହେବ ବୋଲି ବିଧାୟିକା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ନୃସିଂହାନନ୍ଦଙ୍କୁ 'ଶିକ୍ଷା ତାରକା' ସମ୍ମାନ




ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନୃସିଂହାନନ୍ଦଙ୍କୁ ସମ୍ମାନିତ କରୁଛନ୍ତି।

**ଫୁଲବାଣୀ ଅଫିସ, ୨୭।୧୨**

ବୃତ୍ତି ଶିକ୍ଷକତା ହେଲେ ମଧ ସାହିତ୍ୟ ସାଧନା, କବିତା ସୃଷ୍ଟି ଏବଂ ବହି ଲେଖିବା ନିଶା ପାଲଟିଛି। ଦୈନନ୍ଦିନ କାର୍ଯ୍ୟ କ୍ଷେତ୍ରରୁ ଫେରିବା ପରେ ସାହିତ୍ୟ ସୃଷ୍ଟି ତାଙ୍କର ଏକମାତ୍ର ଲକ୍ଷ୍ୟ। ସେ ହେଲେ କନ୍ଧମାଳ ଜିଲାର ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ନୃସିଂହାନନ୍ଦ ମହାପାତ୍ର। ଏଭଳି ସାଧନା ପାଇଁ ତାଙ୍କୁ ବାଲେଶ୍ୱର ଖଇରା ସ୍ଥିତ 'ମୋ ଅନୁଷ୍ଠାନ ସାହିତ୍ୟ ସଂସଦ' ପକ୍ଷରୁ 'ଶିକ୍ଷା ତାରକା' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମହାପାତ୍ରଙ୍କ ଦ୍ୱାରା ରଚିତ ବିବେକ ଚୂଡାମଣିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମହାପାତ୍ରଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ନୃସିଂହାନନ୍ଦ ଏବେ ସରକାରୀ ଆଇଟିଆଇରେ ଶିକ୍ଷକତା କରୁଛନ୍ତି।

# କୁଲାଡ଼କୁ ହରାଇ ନୂଆଗାଁ ଚାମ୍ପିୟନ

**ଭଞ୍ଜନଗର,୨୭।୧୨(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ବାହାଡ଼ାପଦରରେ ଶନିବାର ଦିନିକିଆ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କୁଲାଡ଼ ଏବଂ ନୂଆଗାଁ ମଧ୍ୟରେ ଅନୁଷ୍ଠିତ

**ଚକରା ବିଷୋୟୀ କ୍ରିକେଟ ଟୁର୍ନାମେଣ୍ଟ**

ହୋଇଥିଲା। ନୂଆଗାଁ ୨୬ ରନ୍‌ରେ କୁଲାଡ଼କୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନୂଆଗାଁ ନିର୍ଦ୍ଧାରିତ ଓଭରରେ ୧୦୬ ରନ୍ ସଂଗ୍ରହ କରିଥିଲା। କୁଲାଡ ମାତ୍ର ୮୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା।




ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି।

ପୁରସ୍କାର ବିତରଣୀ ଉତ୍ସବରେ ସାନକୋଦଣ୍ଡା ସରପଞ୍ଚ ସୁକାନ୍ତି ପ୍ରଧାନ, ସମିତିସଭ୍ୟା ଶୈଳବାଳା ବିଷୋୟୀ, ଶିକ୍ଷକ ନେତାଜୀ ବିଷୋୟୀ, ସନ୍ତୋଷ ଜେନା, ଶରତ ଚନ୍ଦ୍ର ରଥ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବାହାଡ଼ାପଦର କ୍ରିକେଟ କ୍ଲବର ସାଇରାଜ, ସାନ୍ତୁ, ଟିନୁ, ବବୁଲ, କାହ୍ନୁ, ଶିବ, ଭିକି, ସୁନୀଲ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ମହିଳାଙ୍କ ରାସ୍ତାରୋକୋ

**ଜଗନ୍ନାଥପ୍ରସାଦ,୨୭।୧୨(ଡି.ଏନ.ଏ.)**

ବିଭିନ୍ନ ସମସ୍ୟା ନେଇ ମୁଣ୍ଡିଆସାହିର ମହିଳାମାନେ ରବିବାର ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡ଼ି ଗ୍ରାମର ୨୧ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଜିରାବାଡ଼ି ଗ୍ରାମରେ ପାନୀୟ ଜଳ ସମସ୍ୟା, ଭତ୍ତା ପ୍ରଦାନରେ ଅନିୟମିତତା, ଆବାସ ଯୋଜନାରେ ପାତର ଅନ୍ତର କରାଯାଉଛି। ଏଥିସହ ବର୍ଷବର୍ଷ ଧରି ଜିରାବାଡ଼ି ଗାଁ ମୁଣ୍ଡିଆ ସାହିକୁ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳିବାରୁ ମହିଳାମାନେ ହାଣ୍ଡି ନେଇ ରାସ୍ତାରୋକୋ କରିଥିଲେ। ଫଳରେ ଅଧଘଣ୍ଟା ଧରି ଭଞ୍ଜନଗରରୁ ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ବହୁ ଯାନବାହନ ଅଟକି



ମହିଳାଙ୍କ ରାସ୍ତା ଅବରୋଧ।

ରହିଥିଲା। ସ୍ଥାନୀୟ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ, ଏଏସ୍‌ଆଇ ଅମ୍ବିକା ବେଣିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଜଳ ଯୋଗାଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନଙ୍କୁ ଡାକି ଜଳ ସମସ୍ୟା ସମାଧାନ କରିବାକୁ ଥାନାଧିକାରୀ କହିବା ପରେ ଅବରୋଧ ହଟିଥିଲା। ମୁଣ୍ଡିଆ ତଳ ସାହିରେ ବେଆଇନ ଭାବେ ପାଇପ ସଂଯୋଗ ହୋଇଥିବାରୁ ମୁଣ୍ଡିଆ ଉପର ସାହିକୁ ଜଳ ଉଠୁ ନଥିବା ଯନ୍ତ୍ରୀ କହିଛନ୍ତି। ତେଣୁ ବେଆଇନ ସଂଯୋଗ ଗୁଡ଼ିକୁ କାଟିବା ପାଇଁ ସେ ଲୋକମାନଙ୍କ ସହଯୋଗ କାମନା କରିଥିଲେ। ତେବେ ଉକ୍ତ ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ କହିଛନ୍ତି।

